## ସାମ୍ବାଦିକ/ଏଜେଣ୍ଟ ଆବଶ୍ୟକ

ରାଜ୍ୟର ସମସ୍ତ ଜିଲ୍ଲା ତଥା ବ୍ଲକରେ ସାମ୍ବାଦିକ/ ଏଜେଣ୍ଟ ଆବଶ୍ୟକ । ଯେଉଁ ବ୍ୟକ୍ତିମାନେ ନିଷ୍କର୍ଷରେ କାମ କରିବାକୁ ଚାହୁଥାନ୍ତି ତେବେ ତୁରନ୍ତ ଯୋଗାଯୋଗ କରନ୍ତୁ ।

ଯୋଗାଯୋଗ
ନିଷ୍କର୍ଷ ମିଡ଼ିଆ ଏଣ୍ଟରଟେଣ୍ଟମେଣ୍ଟ ଆଣ୍ଡ ପବ୍ଲିକେଶନ
NISHKARSHA MEDIA ENTERTAINMENT & PUBLICATION
ମୋବାଇଲ ନମ୍ବର:9937619039/ 8895134289
nishkarsha.editor@gmail.com



RNI REGD. No. : ODIODI/2020/78909

# ନିଷ୍କର୍ଷ
# NISHKARSHA

ସାପ୍ତାହିକ ଖବର କାଗଜ * weekly News Paper

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Chhanle. Nishkarsha Media
www.nishkarsha.com
www.nishkarsha.in

♦ VOLUME - 02 ♦ ISSUE- 13 ♦ CUTTACK ♦ MAR 29 TO APR 04 - 2021 ♦ 8 PAGE ♦ RATE- 5/-■ ବର୍ଷ - ୦୨ ♦ ସଂଖ୍ୟା -୧୨ ♦କଟକ♦ ମାର୍ଚ୍ଚ ୨୯ ରୁ ଏପ୍ରିଲ ୦୪, ୨୦୨୧ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


# ପୁଣି ଫେରିବ କର୍ଫ୍ୟୁ !




ଠିକ୍ ବର୍ଷକ ତଳର ଅବସ୍ଥା ଆଜି ମନେ ପଡ଼ିଗଲେ ଏବେ ବି ଦେହ ଶିହରି ଉଠେ । ଗତବର୍ଷ ମାର୍ଚ୍ଚମାସର ଶେଷ ସପ୍ତାହ ବେଳକୁ ଭାରତବର୍ଷକୁ ଯେମିତି ଆତଙ୍କ ମାଡ଼ି ଆସିଲା । କରୋନା ସଂକ୍ରମଣ ସମଗ୍ର ଭାରତ ବର୍ଷକୁ ଗ୍ରାସ କରିନେଇ ଥାଏ । ଲକ୍ ଡାଉନ, ସଟ୍ ଡାଉନ୍ ଓ କର୍ଫ୍ୟୁରେ ସମଗ୍ର ଦେଶବାସୀ ଅତିଷ୍ଠ ହୋଇପଡ଼ିଥିଲେ । ବାହାରକୁ ବାହାରିଲେ ପୁଲିସର ଲାଠି ମାଡ଼ । ଲକ୍‌ଡାଉନ୍ ଯୋଗୁ ଯାତାୟତ ବନ୍ଦ ହେଲା । ଗାଡିମଟର,ଟ୍ରେନ୍ ଓ ପ୍ଲେନ୍ ସବୁ ଠପ୍ । ବେପାର ବଣିଜ ଓ କାରବାର ସବୁ ଯେମିତି ବନ୍ଦ ହୋଇଗଲା । ଗରିବ,ଦିନ ମଜୁରିଆ,ଖଟିଖିଆ ମୁଲିଆ,ଛୋଟ ଚାକିରିଆ ମାସମାସ ଧରି ବିନା ରୋଜଗାରରେ ଚଳିପାରିଲେନି । ଜୀବନ ଯେମିତି ଛଟଛଟ ହୋଇଗଲା । ଲୋକେ ପ୍ରାଣ ବିକଳରେ ଛୁଆପିଲା ଧରି ହଜାର ହଜାର କିଲୋମିଟର ଚାଲି ଘରକୁ ଫେରିଲେ । ରାସ୍ତାରେ ବି ଅନେକ ହରାଇଲେ ପ୍ରାଣ । ତେବେ ଗତବର୍ଷ ଶେଷ ବେଳକୁ ଅବସ୍ଥାର ସୁଧାର ଆସିଲା । ମାତ୍ର ଏବେ କରୋନା ନୂଆ ରୂପ ଧାରଣ କରିଛି । ବ୍ରିଟନ୍ ଭୂତାଣୁ ଦେଶ ଓ ଆମରାଜ୍ୟ ଓଡ଼ିଶାରେ ପ୍ରବେଶ କରିଛି । ସଂକ୍ରମଣ ସଂଖ୍ୟା ବଢୁଛି । ଠିକଣା ସମୟରେ ଲୋକେ ସଚେତନ ନହେଲେ ପୁଣି ଦେଶରେ ବା ରାଜ୍ୟରେ କର୍ଫ୍ୟୁ ଫେରିବା କିଛି ବିଚିତ୍ର ନୁହେଁ ।

**ଭୁବନେଶ୍ୱର(ଏନ୍.ଏମ୍.):** ରାଜ୍ୟରେ ବଢୁଛି ଦୈନିକ କରୋନା ସଂକ୍ରମଣ । ଗତକାଲି ଦେଢ଼ ଶହ ଓ ଆଜି ସଂଖ୍ୟା ଦୁଇ ଶହ ପାର କରିଛି । ଗତ ଦୁଇଦିନରେ ସାରା ରାଜ୍ୟରୁ ଚିହ୍ନଟ ହୋଇଛନ୍ତି ପାଖାପାଖି ୪୦୦ ନୂଆ ଆକ୍ରାନ୍ତ । କ୍ୱାରେଣ୍ଟାଇନରୁ ଓ ଲୋକାଲ୍ କଣ୍ଟାକ୍ଟ କେସ୍ ବଢୁଛି । ପ୍ରାୟ ସମସ୍ତ ଜିଲ୍ଲାରୁ ନୂଆ ଆକ୍ରାନ୍ତ ବାହାରୁଛନ୍ତି । ୯ଜିଲ୍ଲାରେ ଦୈନିକ ସଂକ୍ରମଣ ପୁଣି ଥରେ ଦୁଇ ଅଙ୍କ ପାର କରିଛି । ଖୋର୍ଦ୍ଧାରୁ ସର୍ବାଧିକ ପଜିଟିଭ୍ ବାହାରିଥିବା ବେଳେ ସୁନ୍ଦରଗଡ଼ରୁ , କଟକ ଓ ବଲାଙ୍ଗିର ବରଗଡ଼ରୁ ଓ ବାଲେଶ୍ୱର, ଢେଙ୍କାନାଳ, କୋରାପୁଟ ଓ ସମ୍ବଲପୁର ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଦୁଇ ମାସ ପରେ ରାଜ୍ୟରେ ଦୈନିକ ସଂକ୍ରମଣ ଦୁଇ ଶହ ପାର କରିଛି । ଶେଷ ଥର ପାଇଁ ଜାନୁଆରୀ ୨୪ ତାରିଖରେ ୧୫୦ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ମୋଟ୍ ସଂଖ୍ୟା ୩ଲକ୍ଷ ୩୯ହଜାର ୪୬୦କୁ ବୃଦ୍ଧି ପାଇଛି । ସୁସ୍ଥ ହୋଇଛନ୍ତି ୩ଲକ୍ଷ ୩୬ହଜାର ୩୩୭ ଆକ୍ରାନ୍ତ । ଏବେ ରାଜ୍ୟରେ ୧୧ଶହ ୫୧ଟି କୋଭିଡ୍ ଆକ୍ଟିଭ୍ କେସ୍ ରହିଛି ।

ଗୁରୁବାର ରାଜ୍ୟରେ ୨୧୪ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାଯାଇଛି । ଏମାନଙ୍କ ମଧ୍ୟରୁ ସଙ୍ଗରୋଧରୁ ୧୨୬ ଓ ୮୮ ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି । ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୩୩ ଜଣ ଚିହ୍ନଟ ହୋଇଛନ୍ତି । ନୂତନ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୩ ଲକ୍ଷ ୩୯ ହଜାର ୪୬୦ରେ ପହଞ୍ଚିଛି । ଏବେ ସୁଦ୍ଧା ସୁସ୍ଥ ହୋଇ ସାରିଲେଣି ୩ ଲକ୍ଷ ୩୬ ହଜାର ୩୩୭ ଜଣ ଓ ଏବେ ବି ସକ୍ରିୟ ଅଛନ୍ତି ୧୧୫୧ ଆକ୍ରାନ୍ତ । ଦିନକ ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୧ ଜଣ, ବରଗଡ଼ରୁ ୧୩ ଜଣ, ଭଦ୍ରକରୁ ୪ ଜଣ, ବଲାଙ୍ଗୀରରୁ ୨୦ଜଣ, ବୌଦ୍ଧରୁ ୨ଜଣ, କଟକରୁ ୨୦ ଜଣ, ଢେଙ୍କାନାଳରୁ ୧୦ ଜଣ, ଗଞ୍ଜାମରୁ ୪ଜଣ, ଜଗତସିଂହପୁରରୁ ୨, ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡିରୁ ୫ ଜଣ, କନ୍ଧମାଳରୁ ଜଣେ, କେନ୍ଦ୍ରାପଡ଼ାରୁ ଜଣେ, ଖୋର୍ଦ୍ଧାରୁ ୩୩ ଜଣ, କୋରାପୁଟରୁ ୧୦ଜଣ, ମୟୂରଭଞ୍ଜରୁ ୯ ଜଣ, ନବରଙ୍ଗପୁରରୁ ଜଣେ, ନୂଆପଡ଼ାରୁ ୨ଜଣ, ପୁରୀରୁ ୫ ଜଣ, ରାୟଗଡ଼ାରୁ ୩ ଜଣ, ସମ୍ବଲପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୨୭ ଜଣ ଓ ଷ୍ଟେଟପୁଲରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ସୂଚନାଯୋଗ୍ୟ ମହାରାଷ୍ଟ୍ର ଓ ପଞ୍ଜାବରେ ଦେଖାଯାଉଥିବା ବ୍ରିଟେନ୍ ଷ୍ଟ୍ରେନର ସଂକ୍ରମଣ ହାର ଯଥେଷ୍ଟ ଅଧିକ, ହେଲେ ଓଡ଼ିଶାକୁ ସେହି ସ୍ଥିତି ଆସି ନାହିଁ ବୋଲି ଆଇଏଲଏସ ନିର୍ଦ୍ଦେଶକ ଅଜୟ ପରିଡ଼ା କହିଛନ୍ତି । ୪ଟି ରାଜ୍ୟର ଆଇଏଲଏସ ଦେଶର ଦଶଟି ଅନୁଷ୍ଠାନ ସିକ୍ୱେନ୍ସିଂ କରୁଥିଲେ । ଗତ ଡିସେମ୍ବର ମାସରେ ୩ ଜଣ ୟୁକେ ଫେରନ୍ତା ଆସିଥିଲେ । ସେମାନଙ୍କ ଠାରେ ୟୁକେ ଷ୍ଟ୍ରେନ୍ ଦେଖାଯାଇଥିଲା । ସେମାନେ ଏବେ ଆରୋଗ୍ୟ ହୋଇସାରିଛନ୍ତି । ଆଉ କାହାକୁ ସଂକ୍ରମିତ କରି ନାହାନ୍ତି । ୨୨୦ଟି ନମୂନା ଆଇଏଲଏସରେ ଟେଷ୍ଟ କରାଯାଇଥିଲା । ମହାରାଷ୍ଟ୍ର ଓ ପଞ୍ଜାବରେ ଦେଖାଯାଉଥିବା ଷ୍ଟ୍ରେନର ସଂକ୍ରମଣ ହାର ଯଥେଷ୍ଟ ଅଧିକ । ପୁନଃ ସଂକ୍ରମଣ ହାର ବଢ଼ିଛି । ୧:୧ ରୁ ୧:୫ ହୋଇ ଯାଇଛି । କିନ୍ତୁ ଏନ୍ ୪୪୦କେ ଭେରିଏଣ୍ଟ ଏତେଟା ମାରାତ୍ମକ ନୁହେଁ । ପଞ୍ଜାବରେ ୮୦ ପ୍ରତିଶତ ୟୁକେ ଭେରିଏଣ୍ଟ । କିନ୍ତୁ ଓଡ଼ିଶାରେ ପରିସ୍ଥିତି ଠିକ୍ ଅଛି । ତଥାପି ହୋଲି ଭଳି ପର୍ବପର୍ବାଣୀରେ ସତର୍କ ରହିବାକୁ ପଡ଼ିବ । ଆବଶ୍ୟକସ୍ଥଳେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ କରି ନିୟନ୍ତ୍ରଣ କରାଯାଇପାରିବ । କେଉଁ ମ୍ୟୁଟେସନ ଅଧିକ ସଂକ୍ରାମକ, ତାହା ଅଧ୍ୟୟନ କଲେ ଜଣାପଡ଼ିବ । ଆଉ ଏକ ସପ୍ତାହ ଭିତରେ ଆଇଏଲଏସରେ ଆଉ ୩୨୦ଟି ନମୂନା ଟେଷ୍ଟ କରାଯିବ । ଭାରତରେ କରୋନା



ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## କରୋନା ଠାରୁ ବଡ ମହାମାରୀ ବେକାରୀ; ନିଯୁକ୍ତି ପ୍ରସଙ୍ଗରେ ସରକାରଙ୍କୁ ଘେରିଲେ ବିରୋଧୀ

**ଭୁବନେଶ୍ୱର (ଏନ୍.ଏମ୍.):** ବେକାରୀ ପ୍ରସଙ୍ଗକୁ ନେଇ ମୁଲତବୀ ପ୍ରସ୍ତାବ ଆଲୋଚନା ସମୟରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ବିବୃତି ଦେଇଛନ୍ତି । କରୋନା ମହାମାରୀଠୁ ବଡ଼ ମହାମାରୀ ହେଉଛି ରାଜ୍ୟର ବେକାରୀ ସମସ୍ୟା। ପ୍ରିୟାପ୍ରୀତିରେ ଚାଲିଛି ରାଜ୍ୟର ନିଯୁକ୍ତି ପ୍ରକ୍ରିୟା। ୧୮ ଲକ୍ଷ ଯୁବକ ଯୁବତୀ ରାଜ୍ୟରେ ବେକାର ହୋଇ ବୁଲୁଥିବା ବେଳେ ରାଜ୍ୟ ସରକାର ଅବସରପ୍ରାପ୍ତ ଅଫିସରଙ୍କୁ ନିଯୁକ୍ତି ଦେଉଛନ୍ତି। ସ୍ୱଳ୍ପ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଗଗନଯାନ ମିଶନ ପାଇଁ ତାଲିମ ଶେଷ
## ୪ ଭାରତୀୟ ମହାକାଶଚାରୀଙ୍କ ମଧ୍ୟରେ ଅଛନ୍ତି ଓଡିଶାର ନିଖିଳ ରଥ



**ନୂଆଦିଲ୍ଲୀ(ଏଜେନ୍ସି) :** ଭାରତର ପ୍ରଥମ ମାନବ ମହାକାଶ ମିଶନ 'ଗଗନଯାନ' ପାଇଁ ରଷିଆରେ ତାଲିମ ନେଉଥିବା ୪ ଭାରତୀୟ ବାୟୁସେନା ପାଇଲଟଙ୍କ ତାଲିମ ଶେଷ ହୋଇଛି । ଏ ସମ୍ପର୍କରେ ରଷିଆ ପକ୍ଷରୁ ସରକାରୀଭାବେ ସୂଚନା ଦିଆଯାଇଛି । ଏହି ୪ ସମ୍ଭାବ୍ୟ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଗ୍ରୀଷ୍ମ ଋତୁରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ପାନୀୟ ଜଳ ଯୋଗାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



**ଭୁବନେଶ୍ୱର (ଏନ୍.ଏମ୍.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଜ୍ୟର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ପାନୀୟ ଜଳ ଯୋଗାଣ ସଂପର୍କରେ ସମୀକ୍ଷା କରିଛନ୍ତି । ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତ ଓ ପୌରାଞ୍ଚଳ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଶତ ପ୍ରତିଶତ ପ୍ରସ୍ତୁତ ଅଛନ୍ତି ବୋଲି ପ୍ରମାଣପତ୍ର ଦେବା ପାଇଁ ନିର୍ଦ୍ଦେଶ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଅଣସଂକ୍ରାମକ ରୋଗ ରୋକିବା ଓ ଉତ୍ତମ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତ ପ୍ରଥମ : ମୋଦୀ



**ନୂଆଦିଲ୍ଲୀ(ଏଜେନ୍ସି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଅଣସଂକ୍ରାମକ ରୋଗଗୁଡ଼ିକୁ ରୋକିବା ଓ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ପଦକ୍ଷେପ ଗ୍ରହଣ କ୍ଷେତ୍ରରେ ଭାରତ ପ୍ରଥମ ସ୍ଥାନରେ ରହିଛି । ଏକ ଟ୍ୱିଟ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି ଐକ୍ୟବଦ୍ଧ ଭାବେ ଆମେ ବିଶ୍ୱକୁ ରୋଗମୁକ୍ତ କରିପାରିବା । ସେ ଜାତିସଂଘ ତାଲିମ ଓ ଗବେଷଣା ପ୍ରତିଷ୍ଠାନକୁ ଧନ୍ୟବାଦ ଜଣାଇଛନ୍ତି । ଅଣସଂକ୍ରାମକ ରୋଗଗୁଡ଼ିକ ଯୋଗୁଁ ଅକାଳ ମୃତ୍ୟୁବରଣ କରୁଥିବା ଲୋକମାନଙ୍କ ସଂଖ୍ୟା କମ୍ ? କରିବାରେ ଭାରତ ଅଭୂତପୂର୍ବ ସଫଳତା ହାସଲ କରିଥିବାରୁ ଜାତିସଂଘ ତାଲିମ ଓ ଗବେଷଣା ପ୍ରତିଷ୍ଠାନ ଭାରତର ପ୍ରଶଂସା କରିଥିଲା । ଅଣସଂକ୍ରାମକ ରୋଗଗୁଡ଼ିକୁ ରୋକିବା ଓ ନିୟନ୍ତ୍ରଣ କରିବା ପାଇଁ ଭାରତ ଦ୍ୱାରା ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକରୁ ଶିକ୍ଷାଲାଭ ପାଇଁ ଜାତିସଂଘ ତାଲିମ ଓ ଗବେଷଣା ପ୍ରତିଷ୍ଠାନ ଭାରତର ସହଯୋଗ ଲୋଡ଼ିଛି ।

## ମନୋବଳ ଆଗରେ ହାରମାନିଛି ଅକ୍ଷମତା
# ସ୍ୱାବଲମ୍ବୀ ପାଇଁ ରୀନାଙ୍କ ପଣ

**ଚୌଦ୍ୱାର(ଏନ୍.ଏମ୍.) :** ଜନ୍ମରୁ ଭିନ୍ନକ୍ଷମ ହୋଇ ମଧ୍ୟ ସମସ୍ତ ନାରୀ ଜାତି ପାଇଁ ଉଦାହରଣ ପାଲଟିଛନ୍ତି ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୭ନମ୍ବର ଓ୍ୱାର୍ଡ଼ର କପାଳେଶ୍ୱର ନୂଆସାହିରେ ବସବାସ କରୁଥିବା ନକୁଳ ଭୂୟାଁଙ୍କ ଭିନ୍ନକ୍ଷମ ଝିଅ ରୀନା ଭୂୟାଁ। ଏକଦା ଶିଳ୍ପନଗରୀ ଭାବେ ପରିଚିତ ଚୌଦ୍ୱାର ଅଞ୍ଚଳ ବେଶ୍ ଚର୍ଚ୍ଚା ଧରିଥିବା ବେଳେ ରୀନାଙ୍କ ଜନ୍ମ ହୁଏ ଜୁଲାଇ ମାସ ୭ତାରିଖ, ୧୯୯୪ ମସିହାରେ କପାଳେଶ୍ୱର ସ୍ଥିତ ନୂଆସାହି ଅଞ୍ଚଳରେ । ତାଙ୍କ ବାପା ନକୁଳ ଭୂୟାଁ ସେତେବେଳେ ଓଟିଏମ୍ କାରଖାନାରେ ଜଣେ କର୍ମଚାରୀ ଭାବେ ନିଯୁକ୍ତି ପାଇ କାର୍ଯ୍ୟ କରିଆସୁଥିବାବେଳେ ତାଙ୍କର ଜଗତ୍‌ସିଂହପୁର ଜିଲ୍ଲାର ଶାଳଗାଁ ଅଞ୍ଚଳରେ ଥିବା ଭିଟାମାଟିକୁ ଛାଡ଼ି ଏହି ଅଞ୍ଚଳକୁ ନିଜର କର୍ମସ୍ଥଳୀ ଭାବେ ବାଛି ନେଇଥିଲେ । ଦୁର୍ଭାଗ୍ୟବଶତଃ ଯେତେବେଳେ ରୀନାଙ୍କୁ ମାତ୍ର ଛ'ବର୍ଷ ହୋଇଥିଲା ସେତେବେଳେ ଓଟିଏମ୍ ବନ୍ଦ ହୋଯାଇଥିଲା । ସେଇଠୁ ତାଙ୍କ ପରିବାରରେ ସତେ ଯେମିତି ଦୁଃଖର ବାଦଲ ଡାଙ୍କି ହୋଇଗଲା । ତଥାପି ବାପା ଶ୍ରୀ ଭୂୟାଁ ନିଜ ପରିବାର ଚଳେଇବା ପାଇଁ ତାଙ୍କ ଘର ଆଗରେ ଏକ ଛୋଟିଆ ପାନ ଦୋକାନ କରି ୪ ପ୍ରାଣୀ କୁଟୁମ୍ବଙ୍କୁ ଚଳାଇବା ପାଇଁ ଉଦ୍ୟମ କରିଥିଲେ । ବାପାମାଆଙ୍କ ଲାଳନପାଳନରେ ଦିନକୁ ଦିନ ବଡ଼ ହେବାକୁ ଲାଗିଥିବା ବେଳେ କିନ୍ତୁ ତାଙ୍କ ମନରେ ବହୁ ଦୁଃଖ ଲୁଚି ରହିଥିଲା । କାରଣ ସେ ଭିନ୍ନକ୍ଷମ ହୋଇଥିବା ବେଳେ ସବୁବେଳେ ବାପାମାଆଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । କିନ୍ତୁ ଜୀବନ ଯୁଦ୍ଧରେ ରୀନା ହାରି ନଯାଇ ନିଜକୁ ଅନ୍ୟମାନଙ୍କ ଭଳି ସ୍ୱାବଲମ୍ବୀ ହେବା ପାଇଁ ପାଠ ପଢ଼ି ମାଟ୍ରିକ୍ ପାସ୍ କରିବା ସହ ଯୁକ୍ତ ଦୁଇ ପାଠ ପଢୁଥିବା ସମୟରେ ୨୦୧୩ ମସିହାରେ ହଠାତ୍ ତାଙ୍କ ମା ଠୁକୁରି ଭୂୟାଁଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଥିଲା । ସେଇଠୁ ରୀନାଙ୍କ ପାଠପଢ଼ାରେ ଡୋରି ଲାଗିଯାଇଥିଲା । ରୀନା ପାଠପଢ଼ା ଛାଡ଼ି ବାପାଙ୍କୁ କିଛି ସାହାଯ୍ୟ କରିବା ପାଇଁ ପଦାକୁ ଗୋଡ଼ କାଢ଼ିବା ସହ ଓଟିଏମ୍ ଦୁର୍ଗାବଜାର ଅଞ୍ଚଳର ମାନସ କୁମାର ସାମଲଙ୍କ ଭେରାଇଟି ଷ୍ଟୋରରେ କାମ କଲେ । ଏମିତି ଦୀର୍ଘ ୫ବର୍ଷ ବିତିଗଲା ପରେ ରୀନା ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ମାତ୍ର ରୀନାଙ୍କର ଭିନ୍ନକ୍ଷମ ଯୋଗୁଁ ତାଙ୍କ ଶ୍ୱଶୁରଘର ଲୋକ ତାଙ୍କୁ ନାନା ପ୍ରକାର ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେବା ସହ ଘରୁ ତଡ଼ିଦେଇଥିଲେ । ଏପରିକି ରୀନାଙ୍କ ପେଟରେ ବଢୁଥିବା ପିଲାକୁ ମଧ୍ୟ ନଷ୍ଟ କରିବାକୁ ପଛାଇ ନଥିଲେ । ଏଭଳି ଦୁଃଖ ଝଡ଼ଝଞ୍ଜା ଭିତରେ ରୀନା ନିଜକୁ ଅସହାୟ ମନେ କରି ନିଜ ବାପଘରକୁ ଚାଲିଆସିଥିଲେ । ଶାଶୁଘର ଛାଡ଼ିବା ପରେ ବାପାଘରେ ରହିବା ପାଇଁ ଏ ବଂ



ନିଜକୁ କ ଛି ରୋଜଗାରକ୍ଷମ କରିବା ପାଇଁ ଚିନ୍ତିତ ଥିବା ବେଳେ ପୂର୍ବରୁ କାମ କରୁଥିବା ଭେରାଇଟି ଷ୍ଟୋରର ମାଲିକ ଶ୍ରୀ ସାମଲ ରୀନଙ୍କ ପ୍ରତି ସମବେଦନା ଜଣାଇବା ସହ ତାଙ୍କୁ ରୋଜଗାରକ୍ଷମ କରିବା ପାଇଁ ପ୍ରବର୍ତ୍ତାଇଥିଲେ । ଯେହେତୁ ରୀନା ବିବାହ ଘର ପୂର୍ବରୁ କେବଳ ଜଣେ ସାଧାରଣ ନାରୀ ନଥିଲେ ବରଂ ସେ ଜଣେ ସମାଜସେବୀ ମଧ୍ୟ ଥିଲେ ଏପରିକି ଆଶାର ଆଲୋକ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ଭାବରେ ମଧ୍ୟ ବହୁ କାମରେ ନିୟୋଜିତ ଥିଲେ । ତେଣୁ ରୀନାଙ୍କ ଏପରି ଗୁଣ ପାଇଁ ସାରା ଅଞ୍ଚଳରେ ବେଶ୍ ସୁନାମ ମଧ୍ୟ ଅର୍ଜନ କରିଥିଲେ । ବାପାଙ୍କ ସ୍ୱଳ୍ପ ରୋଜଗାରେ ପରିବାର ଚଳୁ ଥିବାବେଳେ ରୀନା ନିଜେ ସ୍ୱାବଲମ୍ବୀ ହୋଇ ରୋଜଗାରକ୍ଷମ ହେବା ପାଇଁ ୨୦୧୯ ମସିହାରେ ଖବରକାଗଜ ବିତରକ ପନ୍ଥା ଆପଣେଇ ନେଇଥିଲେ । ଦିନ ଥିଲା ରୀନାଙ୍କୁ ଅଞ୍ଚଳବାସୀ ଜଣେ ସମାଜସେବୀ ଭାବେ ଗ୍ରହଣ କରୁଥିବା ବେଳେ ପରିସ୍ଥିତି ତାଙ୍କୁ ଏପରି କଲା ଯେ ସେ ବର୍ତ୍ତମାନ ଖବରକାଗଜ ବିତରକ ଭାବେ ଅଞ୍ଚଳରେ ପରିଚିତ । ତଥାପି ନା ତାଙ୍କ ମନରେ ଅଛି ଦୁଃଖ ଆଉ ଅନୁଶୋଚନାର ଚିହ୍ନ । ହସି ହସି ଘରକୁ ଘର ବୁଲି ବୁଲି ସେ ପେପର ଦେବା ସହ ସଂଧ୍ୟାରେ ପୂର୍ବରୁ କାମ କରୁଥିବା ସ୍ଥାନରେ ନିୟୋଜିତ ଅଛନ୍ତି । ପାଦ ଦୁଇଟି ସମ୍ପୂର୍ଣ୍ଣ ଅକ୍ଷମ ଥିବାବେଳେ ସାଇକେଲ ଓ ଚାଲି ଚାଲି ପେପର ଦେବା ସମୟରେ ରୀନାଙ୍କ ପାଦ ଛିଣ୍ଡି ଖଣ୍ଡିଆ ଖାବରା ହୋଇଯିବା ଦେଖିଲେ ସାଧାରଣ ଲୋକଙ୍କ ଆଖିରୁ ଲୁହ ଝରିଯିବ । ତଥାପି ରୀନା ସେ ଦୁଃଖକୁ ବି ନିଜ ଭିତରେ ଲୁଚେଇ ସକାଳୁ ରାତି ପର୍ଯ୍ୟନ୍ତ ନିଜ କାମରେ ବ୍ୟସ୍ତ ରହି ନିଜର ତଥା ବାପାଙ୍କୁ ସାହାଯ୍ୟ କରିବା ସହ ପରିବାରର ଗୁଜୁରାଣ ମେଣ୍ଟାଇ ଚାଲିଛନ୍ତି । ସେବେଠାରୁ ଆଜି ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଏହି କାମ କରିବା ସହ ସେ ଜଣେ ଭିନ୍ନକ୍ଷମ ହୋଇ ମଧ୍ୟ ଘରକୁ ଘର ବୁଲି ପେପର ଦେବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ଠାରୁ ପ୍ରଶଂସା ସାଉଁଟୁଛନ୍ତି । ମାତ୍ର ଆଜି ପର୍ଯ୍ୟନ୍ତ ନା ତାଙ୍କୁ ମିଳିଛି ସରକାରୀ ସହାୟତା ନା ମିଳିଛି କୌଣସି ସରକାରୀ ପ୍ରୋତ୍ସାହନ । ସରକାରଙ୍କ ତରଫରୁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ ଯୋଜନା ରହିଥିବା ବେଳେ ରୀନାଙ୍କ ପାଇଁ କିନ୍ତୁ ଏ ସବୁ ଅପହଞ୍ଚ । ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ ରୀନାଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି ।

## ରାଷ୍ଟ୍ରପତିଙ୍କୁ ତାଙ୍କ ବାପାଙ୍କ ଦସ୍ତଖତ ଥିବା ତାମ୍ର ଫଳକ ଉପହାର ଦେଲେ କୌଳିକ ପଣ୍ଡା



**ପୁରୀ (ଏନ୍.ଏମ୍.):** ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପୁରୀ ଗସ୍ତବେଳେ କୌଳିକ ପଣ୍ଡା କିଛି ପୂର୍ବ କଥା ମନେ ପକାଇଛନ୍ତି । ରାଷ୍ଟ୍ରପତି ରାମନାଥ କୋବିନ୍ଦ ବାପା ମଇକୁଲାଲ କୋରି ପୂର୍ବରୁ ପୁରୀ ଆସିଥିଲେ ଓ ଶ୍ରୀଜିଉଙ୍କୁ ଦର୍ଶନ କରିଥିଲେ । ଏହାର ସ୍ମୃତିକୁ କୌଳିକ ପଣ୍ଡା ରାଷ୍ଟ୍ରପତିଙ୍କୁ ଉପହାର ଆକାରରେ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତିଙ୍କୁ ବାପାଙ୍କ ଦସ୍ତଖତ ଥିବା ତାମ୍ର ଫଳକ ଉପହାର ଦେଇଛନ୍ତି କୌଳିକ ପଣ୍ଡା ନାରାୟଣ ଗୋଛିକାର । ଉକ୍ତ ତାମ୍ର ଫଳକରେ ମଇକୁଲାଲଙ୍କ ଦସ୍ତଖତ ଏବଂ ତାଙ୍କ ପରିବାର ସମସ୍ତ ନାମ ଲିଖିତ ରହିଛି । କୌଳିକ ପଣ୍ଡାଙ୍କ ପାଖରେ ଥିବା ପୁସ୍ତିକାର ଏକ ପ୍ରତିକୃତି ତାମ୍ର ଫଳକ ପ୍ରଦାନ କରିଛନ୍ତି । ତିନିଦିନିଆ ଓଡ଼ିଶା ଗସ୍ତରେ ଥିବା ରାଷ୍ଟ୍ରପତି ଆଜି ଶେଷଦିନରେ ପୁରୀ ଗସ୍ତ କରିଥିଲେ । ସିଂହଦ୍ୱାରରୁ କୌଳିକ ପଣ୍ଡା ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପରେ ଗର୍ଭଗୃହ ନେଇ ପୂଜାର୍ଚ୍ଚନା କରାଇଥିଲେ । ପରେ ବିମଳାଙ୍କ ମନ୍ଦିର ଏବଂ ଶେଷରେ ମହାଲକ୍ଷ୍ମୀ ମନ୍ଦିରରେ ଦର୍ଶନ କରାଇ କିଛି ସମୟ ପରମ୍ପରା ଅନୁଯାୟୀ ବସିବା କଥା ବୋଲି କହିବା ପରେ ରାଷ୍ଟ୍ରପତି ମହାଲକ୍ଷ୍ମୀଙ୍କ ଜଗମୋହନରେ ବସିଥିଲେ । କୌଳିକ ପଣ୍ଡାଙ୍କୁ ଦାନସ୍ୱରୁପ ଅର୍ଥ ପ୍ରଦାନ କରିଥିଲେ । ସୂଚନା ଅନୁଯାୟୀ ୧୯୪୭ ମସିହା ଅକ୍ଟୋବର ୧୦ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ବାପା ମଇକୁଲାଲ ତାଙ୍କ ପରିବାର ସଦସ୍ୟଙ୍କ ସହ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ସେତେବେଳେ ସେ ତାଙ୍କର ଅନୁଭୂତି ଓ ଦସ୍ତଖତ କୌଳିକ ପଣ୍ଡାଙ୍କର ଥିବା ଯାତ୍ରୀ ପୁସ୍ତିକାରେ ଉଲ୍ଲେଖ କରିଥିଲେ ।

‘ତୁମର ପ୍ରଥମ ବିଜୟ ପରେ ବିଶ୍ରାମ ନିଅନାହିଁ,କାରଣ ଦ୍ୱିତୀୟ ବିଜୟରେ ବିଫଳ ହେଲେ ପ୍ରଥମ ବିଜୟକୁ ଭାଗ୍ୟ ବୋଲି କହିବାକୁ ଅନେକ ଓଠ ଅପେକ୍ଷା କରିଛି’ - ଡ. ଅବଦୁଲ କଲାମ

ସୋମବାର, ମାର୍ଚ୍ଚ ୨୯ ରୁ ଏପ୍ରିଲ ୦୪, ୨୦୨୧
ନିଷ୍କର୍ଷ
NISHKARSHA



# ସ୍କୁଲରେ ‘ଭଗବତ୍ ଗୀତା’ ପଢ଼ାଇବାକୁ କହିଲେ ମୌନୀ ରୟ



**ମୁମ୍ବାଇ (ଏଜେନ୍ସି) :** ଟେଲିଭିଜନ ତଥା ବଲିଉଡ ଅଭିନେତ୍ରୀ ମୌନୀ ରୟ। ସେ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ ଅଛନ୍ତି। ନିଜର ହଣ୍ଟେସ ଏବଂ ବୋଲ୍ଡ ଫଟୋକୁ ନେଇ ସବୁଦିନେ ସେ ଚର୍ଚ୍ଚାରେ ରହିଥାନ୍ତି। ତେବେ ନିକଟରେ ମୌନୀ ଏକ ବଡ ବୟାନ ଦେଇଛନ୍ତି। ସ୍କୁଲ ସିଲାବସରେ ଭଗବତ୍ ଗୀତାକୁ ନିଶ୍ଚିତ ରୂପେ ସାମିଲ କରିବାକୁ ସେ କହିଛନ୍ତି। ଫିଲ୍ମରେ ମୌନୀ ଯେତିକି ବୋଲ୍ଡ ପ୍ରକୃତ ଜୀବନରେ ସେ ସେତିକି ଧାର୍ମିକ। ଭଗବତ୍ ଗୀତାକୁ ନେଇ ତାଙ୍କର ଅତୁଟ ଆସ୍ଥା ରହିଥିବା ଜଣାପଡ଼ିଛି। ଏହି କାରଣ ଯୋଗୁ ମୌନୀ ଲକଡାଉନ୍ ସମୟରେ ଭଗବତ୍ ଗୀତା ପଢୁଥିବା ଦେଖିବାକୁ ମିଳିଥିଲା।

ସେ କୁହନ୍ତି ଯେ, ସମସ୍ତ ସ୍କୁଲ ପିଲାଙ୍କୁ ଭଗବତ୍ ଗୀତା ପାଠ କରାଇବା ଉଚିତ। କେବଳ ସେତିକି ନୁହେଁ ଭଗବତ୍ ଗୀତାକୁ ସ୍କୁଲ ସିଲାବସରେ ମଧ୍ୟ ସାମିଲ କରିବାକୁ ସେ ଅପିଲ କରିଛନ୍ତି। ଏକ ନ୍ୟୁଜ ପୋର୍ଟାଲକୁ ଦେଇଥିବା ସାକ୍ଷାତକାରରେ ସେ କହିଛନ୍ତି ଯେ, ‘ମହାମାରୀ କରୋନା ଯୋଗୁଁ ଜାରି ହୋଇଥିବା ଲକଡାଉନ ସମୟରେ ମୁଁ ବେଶ୍ ଧାର୍ମିକ ହୋଇ ଯାଇଥିଲି। ଭଗବତ୍ ଗୀତା କେବଳ ଏକ ଧାର୍ମିକ ବହି ନୁହେଁ, ଏହା ଜୀବନର ସାର ଏବଂ ପ୍ରକୃତ ଜ୍ଞାନ। ମନରେ ଯେକୌଣସି ବି ପ୍ରଶ୍ନ ଥାଉ ନା କାହିଁକି, ଗୀତା ପାଠ କଲେ ସେ ସବୁର ଉତ୍ତର ମିଳିଯାଏ।

ସେ ଆହୁରି କହିଛନ୍ତି ଯେ, ପିଲାଟି ଦିନରୁ ହିଁ ତାଙ୍କ ଘରେ ସବୁଦିନ ଗୀତା ପାଠ କରାଯାଉଥିବା ସେ ଦେଖି ଆସିଛନ୍ତି। ସେ ନିଜେ ପିଲାଦିନେ ଭଗବତ୍ ଗୀତ ପଢ଼ିବା ପାଇଁ ଚେଷ୍ଟା କରିଥିଲେ, କିନ୍ତୁ ସେତେବେଳେ ତାଙ୍କୁ କିଛି ବୁଝା ପଡୁନଥିଲା। ମାତ୍ର ଏବେ ଗୀତାର ମୂଲ୍ୟ ବୁଝିବା ସହ ଏହାକୁ ପୁରା ଦେଶରେ ପ୍ରମୋଟ କରିବା ପାଇଁ ଚାହୁଁଛନ୍ତି ଏହି ଅଭିନେତ୍ରୀ।

ଏଣ୍ଟରଟେଷ୍ଟମେଣ୍ଟ ଇଣ୍ଡଷ୍ଟ୍ରି ସହ ଜଡିତ ଲୋକମାନେ ମଧ୍ୟ ଭଗବତ୍ ଗୀତା ପଢ଼ିବା ଉଚିତ ବୋଲି ସେ କହିଛନ୍ତି। କାରଣ ଅଭିନୟ ଜଗତରେ ଲୋକେ ଏତେ ବ୍ୟସ୍ତ ହୋଇପଡନ୍ତି ଯେ, ବେଳେବେଳେ ସେମାନେ ନିଜକୁ ବି ଭୁଲାଇ ଦିଅନ୍ତି। ତେଣୁ ଏଭଳି ସ୍ଥିତିରେ ଗୀତା ପଢ଼ିବା ଦ୍ୱାରା ବେଶ୍ ଲାଭ ମିଳିପାରିବ ବୋଲି ମୌନୀ ତାଙ୍କ ବିବୃତ୍ତିରେ କହିଛନ୍ତି।

# ସ୍ୱାମୀଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଲେ ହଲିଉଡ ଅଭିନେତ୍ରୀ



ହଲିଉଡର ପ୍ରସିଦ୍ଧ ସେଲେବ୍ରିଟି ଦମ୍ପତ୍ତି ଲସ୍ ଆଞ୍ଜୋଲିସ୍‌ଙ୍କ ସମ୍ପର୍କରେ ଫାଟ। ଅଭିନେତ୍ରୀ ଆଞ୍ଜୋଲିନା ଜଲି ଏବଂ ବ୍ରାଡ୍ ପିଟଙ୍କ ଛାଡପତ୍ର ପରେ ମଧ୍ୟ ସୁଧୁରରୁନି ସମ୍ପର୍କ। ଛାଡ଼ପତ୍ର ପରେ ସ୍ୱାମୀଙ୍କ ବିରୋଧରେ ସେ ଆଣିଛନ୍ତି ସଂଘାତିକ ଅଭିଯୋଗ। ଅଭିନେତ୍ରୀ ଆଞ୍ଜୋଲିନା ତାଙ୍କ ସ୍ୱାମୀ ବ୍ରାଡ୍ ପିଟ୍‌ଙ୍କ ବିରୋଧରେ ଘରୋଇ ହିଂସା ଅଭିଯୋଗ ଆଣିଛନ୍ତି। ଏନେଇ ତାଙ୍କ ପାଖରେ ପୁରା ପ୍ରମାଣ ଥିବା ମଧ୍ୟ ସେ କହିଛନ୍ତି। କେବଳ ସେତିକି ନୁହେଁ ଏ ସବୁ ପ୍ରମାଣ ଏବଂ କିଛି ଡକ୍ୟୁମେଣ୍ଟ କୋର୍ଟରେ ଦେବା ପାଇଁ ରାଜି ଅଛନ୍ତି ଆଞ୍ଜୋଲିନା।

ସୂଚନାଯୋଗ୍ୟ ଯେ, ଦୀର୍ଘ ୧୨ ବର୍ଷ ଧରି ଲିଭ୍-ଇନ୍-ରିଲେସନରେ ରହିବା ପରେ ୨୦୧୪ରେ ବ୍ରାଡ୍ ପିଟ୍ ଏବଂ ଆଞ୍ଜୋଲିନା ବିବାହ କରିଥିଲେ। କିନ୍ତୁ ବିବାହର ୨ ବର୍ଷ ପରେ ଉଭୟ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ଦୁହିଁଙ୍କ ମଧ୍ୟରେ ଥିବା ସମସ୍ୟା କେବେ ସମାଧାନ ହୋଇପାରିବ ନାହିଁ ବୋଲି କହି ଉଭୟ କୋର୍ଟରେ ଛାଡପତ୍ର ପାଇଁ ଆବେଦନ କରିଥିଲେ। ନିଜ ପିଲା ଛୁଆ ଏବଂ ପରିବାରର ସୁଖ ଶାନ୍ତି ପାଇଁ ଏଭଳି ନିଷ୍ପତ୍ତି ନେଇଥିବା ଆଞ୍ଜୋଲିନା କହିଥିଲେ।

୨୦୧୯ରେ ଆଞ୍ଜୋଲିନା ଏବଂ ବ୍ରାଡ ପିଟ୍ ଛାଡପତ୍ର ଉପରେ କୋର୍ଟ ମୋହର ଲଗାଇଥିଲେ। ଏବେ ତାଙ୍କ ଛଅ ଜଣ ପିଲାଙ୍କ କଷ୍ଟଡିକୁ ନେଇ କୋର୍ଟରେ ମାମଲା ବିଚାରଧୀନ ରହିଛି। ଏହାରି ଭିତରେ ଆଞ୍ଜେଲିନା ବ୍ରାଡ୍‌ଙ୍କ ବିରେଧରେ ଏଭଳି ସାଙ୍ଘାତିକ ଆଭିଯୋଗ ଆଣିଛନ୍ତି।

୨୦୧୬ରେ ବ୍ରାଡ ଏବଂ ତାଙ୍କ ବଡ ପୁଅ ମାଡକ୍ସଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହାପରେ ଦୁହେଁ ପରସ୍ପରଠାରୁ ଭିନ୍ନ ହୋଇଯାଇଥିଲେ। ଏକ ସାକ୍ଷାତକାର୍ରେ ଏହାକୁ ନେଇ ଆଞ୍ଜୋଲିନା କହିଥିଲେ, “ମୁଁ ମୋ ପିଲାଛୁଆ ଏବଂ ଛାଡପତ୍ର ଭଳି ଯନ୍ତ୍ରଣା ଦେଇ ଗତି କରୁଛି, ଏହା ବେଶ୍ ଯନ୍ତ୍ରଣା ଦାୟକ।”

# ବିଜେପିରେ ଯୋଗଦେଲେ ‘ରାମାୟଣ’ର ‘ରାମ’ ଅରୁଣ ଗୋଭିଲ୍



**ନୂଆଦିଲ୍ଲୀ (ଏଜେନ୍ସି) :** ଜଣାଶୁଣା ଟିଭି ଧାରାବାହିକ ‘ରାମାୟଣ’ରେ ରାମ ଭୂମିକା ଅଭିନୟ କରିଥିବା ଅଭିନେତା ଅରୁଣ ଗୋଭିଲ୍ ଆଜି ବିଜେପିରେ ସାମିଲ ହୋଇଛନ୍ତି। ଅରୁଣ ଗୋଭିଲ ଦିଲ୍ଲୀରେ ବିଜେପି କାର୍ଯ୍ୟାଳୟରେ ବିଜେପି ଦଳର ସଦସ୍ୟତା ପଦ ଗ୍ରହଣ କରଛନ୍ତି। ଏହି ଅବସରରେ ବିଜେପି ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂହ ସମେତ ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ।

**ରାଜନୈତିକ ବିଶ୍ଲେଷକଙ୍କ ଆକଳନ ବିଜେପିର ହିନ୍ଦୁତ୍ୱ ରାଜନୀତି ପାଇଁ ଅରୁଣ ଗୋଭିଲଙ୍କ ଯୋଗଦାନ ବେଶ୍ ସୁହାଇବ**

ଗତ ବର୍ଷ କରୋନା କଟକଣା ସମୟରେ ଲକଡାଉନ୍ ଜାରି ହେବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦୂରଦର୍ଶନରେ ‘ରାମାୟଣ’ ଧାରାବାହିକ ପୁଣିଥରେ ପ୍ରସାରଣ ଆରମ୍ଭ କରାଯାଇଥିଲା। ଲକଡାଉନ ସମୟରେ ଲୋକେ ଏହାକୁ ଖୁବ୍ ପସନ୍ଦ ମଧ୍ୟ କରିଥିଲେ। ଏହା ପରଠାରୁ ଅଭିନେତା ଅରୁଣ ଗୋଭିଲଙ୍କର ରାଜନୀତିକୁ ଆସିବା ନେଇ ଖୁବ୍ ଚର୍ଚ୍ଚା ଜୋର ଧରିଥିଲା। ୧୯୮୭ରେ ମୁକ୍ତିଲାଭ କରିଥିବା ରାମାନନ୍ଦ ସାଗରଙ୍କ ପୌରାଣିକ ଧାରାବାହିକ ‘ରାମାୟଣ’ରେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରି ସାରା ଦେଶରେ ଚର୍ଚ୍ଚିତ ହୋଇଥିଲେ ଅଭିନେତା ଅରୁଣ ଗୋଭିଲ୍। ଏ ପରିକି ଲୋକେ ଟିଭି ସମ୍ମୁଖରେ ଧୂପକାଠି ଧରି ତାଙ୍କୁ ଭଗବାନ ରାମ ଭାବେ ପୂଜା କରୁଥିବା ଦେଖିବାକୁ ମିଳିଥିଲା। ଦର୍ଶକମାନେ ଭଗବାନ ରାମଙ୍କ ରୂପରେ ଯେଉଁ ବ୍ୟକ୍ତିଙ୍କୁ ଲୋକେ ପୂଜା କରୁଥିଲେ ସେ ହିଁ ଅଭିନେତା ଅରୁଣ ଗୋଭିଲ। କରୋନା କଟକଣା ଯୋଗୁ ସାରା ଦେଶରେ ଲକ୍ଡାଉନ୍ ଜାରି ହୋଇଥିଲା ଏବଂ ଏହି ସମୟରେ ପୁଣିଥରେ ଦୂରଦର୍ଶରେ ରାମାୟଣର ପୁନଃ ପ୍ରସାରଣ କରାଯାଇଥିଲା, ଯାହା ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲା। ଏହି ସମୟରେ ଦେଶରେ ୭.୭୦ କୋଟି ଲୋକ ରାମାୟଣ ଦେଖିଥିଲେ। ରାଜନୈତିକ ବିଶ୍ଲେଷକଙ୍କ ଆକଳନ ଅନୁଯାୟୀ ରାମାନନ୍ଦ ସାଗରଙ୍କ ନିର୍ମିତ ‘ରାମୟଣ’ରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରିଥିବା ପ୍ରସିଦ୍ଧ ଅଭିନେତା ଅରୁଣ ଗୋଭିଲ ବିଜେପିରେ ସାମିଲ ହୋଇଛନ୍ତି। ୫ ରାଜ୍ୟରେ ହେବାକୁଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଅଭିନେତା ଅରୁଣ ଗୋଭିଲଙ୍କ ବିଜେପିର ସାମିଲ ହେବା ଗୁରୁତ୍ୱପୂର୍ଣ୍ଣ କୁହାଯାଉଛି। ବିଶେଷକରି ବିଜେପିର ହିନ୍ଦୁତ୍ୱ ରାଜନୀତି ପାଇଁ ଅରୁଣ ଗୋଭିଲଙ୍କ ଯୋଗଦାନ ବେଶ ସୁହାଇବ ବୋଲି ସେମାନେ କହିଛନ୍ତି। ଅଶୀ ଦଶକର ଶେଷ ଭାଗରେ ଦୂରଦର୍ଶନରେ ପ୍ରସାରିତ ‘ରାମାୟଣ’ ଧାରାବାହିକରେ ରାମ ଭୂମିକାରେ ଅଭିନୟ ତାଙ୍କୁ ଭାରତର ଘରେ ଘରେ ପରିଚିତ କରାଇଥିଲା। କେବଳ ଭାରତ ନୁହେଁ, ସାରା ବିଶ୍ୱରେ ସେ ଲୋକପ୍ରିୟ ହୋଇଯାଇଥିଲେ।

## ରିଲିଜ୍ ହେଲା ଅଭିଷେକଙ୍କ ‘ଦି ବିଗ୍ ବୁଲ୍’ ଟ୍ରେଲର



**ମୁମ୍ବଇ :** ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ଅଭିନୀତ ଆଗାମୀ ଚଳଚ୍ଚିତ୍ର ‘ଦି ବିଗ୍ ବୁଲ୍’ର ଟ୍ରେଲର ଶୁକ୍ରବାର ରିଲିଜ ହୋଇଛି। ୩ ମିନିଟ ୮ ସେକେଣ୍ଡର ଏହି ଟ୍ରେଲର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଚଳଚ୍ଚିତ୍ରରେ ଅଭିଷେକଙ୍କ ଲୁକ୍ ଓ ଠଣିକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ଅଭିଷେକ ଏଥିରେ ଷ୍ଟକବ୍ରୋକର ଭୂମିକାରେ ଅଭିନୟ କରିଛନ୍ତି। ସେହିପରି ଅଭିନେତ୍ରୀ ଇଲିଆନା ଡିକ୍ରୁଜ୍ ସାମ୍ବାଦିକା ଅବତାରରେ ନଜର ଆସିଛନ୍ତି। କୁକି ଗୁଲାଟିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ହର୍ଷଦ ମେହେଟ୍ଟା ଷ୍ଟକ୍ ମାର୍କେଟ ସ୍କାମ ଉପରେ ଆଧାରିତ। ଅଭିଷେକ ବଚ୍ଚନ ଓ ଅଜୟ ଦେବଗନ ଟ୍ରେଲରକୁ ନିଜ ସୋସିଆଲ ମିଡିଓ ଆକାଉଣ୍ଟରେ ଶେୟାର କରିଛନ୍ତି। ଅଜୟ ହେଉଛନ୍ତି ଫିଲ୍ମର ଅନ୍ୟତମ ନିର୍ମାତା। ‘ଦି ବିଗ୍ ବୁଲ୍’ ଏପ୍ରିଲ୍ ୮ ତାରିଖରେ ଡିଜନୀ ପ୍ଲସ୍ ହଟଷ୍ଟାରରେ ରିଲିଜ୍ ହେବ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମ ଓ ମଙ୍ଗଳବାର : ଘରେ ସୁଖଶାନ୍ତି ବଜାୟ ରହିବ। ବୁଧ ଓ ଗୁରୁବାର : କ୍ରୋଧ କଲେ କାମରେ କ୍ଷତି ହୋଇପାରେ। ଶୁକ୍ର ଓ ଶନିବାର : ଅପ୍ରତ୍ୟାଶିତ ଧନପ୍ରାପ୍ତି ହୋଇପାରେ, ରବିବାର : ପରିବାରରେ ଶାନ୍ତି ମିଳିବ।

**ବୃଷ :** ସୋମ ଓ ମଙ୍ଗଳବାର : ସବୁ ଇଚ୍ଛା ପୂର୍ଣ୍ଣ ହେବ। ବୁଧ ଓ ଗୁରୁବାର : ଜୀବନସାଥୀ ଠାରୁ ଉପହାର ପାଇବେ। ଶୁକ୍ର ଓ ଶନିବାର : ସାମାଜିକ କାର୍ଯ୍ୟ କରିବାର ସୁଯୋଗ ପାଇବେ, ରବିବାର : ମନବାଞ୍ଛା ପୂରଣ ହେବ।

**ମିଥୁନ :** ସୋମ ଓ ମଙ୍ଗଳବାର : ଆଗକୁ ବଢ଼ିବା ଲାଗି ସମୟ ଭଲ। ବୁଧ ଓ ଗୁରୁବାର : ଭଲ କାମ ପାଇଁ ପୁରସ୍କାର ପାଇବେ। ଶୁକ୍ର ଓ ଶନିବାର : ଦାମ୍ପତ୍ୟ ଜୀବନ ତାଳମେଳ ବଜାୟ ରହିବ, ରବିବାର : ସାଂସାରିକ ଜୀବନ ସୁଖମୟ ହେବ।

**କର୍କଟ :** ସୋମ ଓ ମଙ୍ଗଳବାର : ଆପଣଙ୍କର ଲେଖା ଚାରିଆଡ଼େ ପ୍ରଶଂସା ହେବ। ବୁଧ ଓ ଗୁରୁବାର : କାର୍ଯ୍ୟ କ୍ଷେତ୍ରରେ ଉନ୍ନତି ହେବ। ଶୁକ୍ର ଓ ଶନିବାର : ଘର କ୍ଲେଶ ଦୂର ହେବ, ରବିବାର : ଚିନ୍ତା ବୃଦ୍ଧି ପାଇବ।

**ସିଂହ :** ସୋମ ଓ ମଙ୍ଗଳବାର : କୌଣସି ବଡ଼ ପ୍ରସଙ୍ଗରେ ନିର୍ଣ୍ଣୟ ନେଇପାରନ୍ତି। ବୁଧ ଓ ଗୁରୁବାର : ସବୁ ଆହ୍ୱାନର ମୁକାବିଲା କରିପାରିବେ। ଶୁକ୍ର ଓ ଶନିବାର : ମହିଳାମାନେ ଖୁସି ଖବର ପାଇବେ। ରବିବାର : ଆର୍ଥିକ ଲାଭର ସୂଚନା ମିଳିବ।

**କନ୍ୟା :** ସୋମ ଓ ମଙ୍ଗଳବାର : ଶିକ୍ଷା କ୍ଷେତ୍ରରେ ସଫଳତା ପାଇବେ। ବୁଧ ଓ ଗୁରୁବାର : କମ୍ ପରିଶ୍ରମରେ ଅଧିକ ଫଳ ପାଇବେ। ଶୁକ୍ର ଓ ଶନିବାର : ଅନ୍ୟମାନଙ୍କର ସହଯୋଗ ପାଇବେ। ରବିବାର : ଅସୁସ୍ଥତା ଅନୁଭବ କରିବେ।

**ତୁଳା :** ସୋମ ଓ ମଙ୍ଗଳବାର : କୌଣସି ସମାଜିକ ସଂଗଠନରେ ଯୋଗ ଦେବେ। ବୁଧ ଓ ଗୁରୁବାର : ନୂଆ ଉତ୍ସରୁ ଧନଲାଭ ହେବ। ଶୁକ୍ର ଓ ଶନିବାର : ଜୀବନସାଥୀଙ୍କ ସହିତ ସମ୍ବନ୍ଧ ଭଲ ହେବ। ରବିବାର : ଧାର୍ମିକ ସମାବେଶରେ ସମୟ ବିତିବ।

**ବିଛା :** ସୋମ ଓ ମଙ୍ଗଳବାର : ଆର୍ଥିକ ସ୍ଥିତି ଚିନ୍ତାଜନକ ହୋଇପାରେ। ବୁଧ ଓ ଗୁରୁବାର : କୋର୍ଟ କଚେରି ମାମଲାର ଫଇସଲା ଆପଣଙ୍କ ପକ୍ଷରେ ହେବ। ଶୁକ୍ର ଓ ଶନିବାର : ସମ୍ବନ୍ଧରେ ସୁଧାର ଆଣିବେ। ରବିବାର : ଅଚାନକ ଧନ ଆଗମନ ଘଟିପାରେ।

**ଧନୁ :** ସୋମ ଓ ମଙ୍ଗଳବାର : ଆର୍ଥିକ ସ୍ଥିତି ଚିନ୍ତାଜନକ ହୋଇପାରେ। ବୁଧ ଓ ଗୁରୁବାର : କୋର୍ଟ କଚେରି ମାମଲାର ଫଇସଲା ଆପଣଙ୍କ ପକ୍ଷରେ ହେବ। ଶୁକ୍ର ଓ ଶନିବାର : ସମ୍ବନ୍ଧରେ ସୁଧାର ଆଣିବେ। ରବିବାର : ମନରେ ଅଯଥା ଶଙ୍କା ସୃଷ୍ଟି ହେବ।

**ମକର :** ସୋମ ଓ ମଙ୍ଗଳବାର : ବେପାର ପରିବର୍ତ୍ତନ ପାଇଁ ଯୋଜନା କରିବେ। ବୁଧ ଓ ଗୁରୁବାର : ଲାଭର ଅବସର ପାଇବେ। ଶୁକ୍ର ଓ ଶନିବାର : ଅଫିସରେ କାମ କରିବା ଶୈଳୀ ବଦଳାଇବେ। ରବିବାର : ଦେହ ପାଇଁ ଯତ୍ନର ଆବଶ୍ୟକତା ରହିଛି।

**କୁମ୍ଭ :** ସୋମ ଓ ମଙ୍ଗଳବାର : ଗବେଷଣା କାମରେ ମନ ଲାଗିବ। ବୁଧ ଓ ଗୁରୁବାର : ଲାଗି ରହିଥିବା କଷ୍ଟରୁ ମୁକ୍ତି ପାଇବେ। ଶୁକ୍ର ଓ ଶନିବାର : ପାରିବାରିକ ସମ୍ପର୍କରେ ସୁଖ ରହିବ। ରବିବାର : ଦୂରଯାତ୍ରା କରିପାରନ୍ତି।

**ମୀନ :** ସୋମ ଓ ମଙ୍ଗଳବାର : ସମ୍ପତି ପାଇଁ ପୁଞ୍ଜି ନିବେଶ କରିପାରନ୍ତି। ବୁଧ ଓ ଗୁରୁବାର : ପ୍ରେମ ଜୀବନ ମଧୁର ରହିବ। ଶୁକ୍ର ଓ ଶନିବାର : ଧୈର୍ଯ୍ୟ ଧରି କାମ କରନ୍ତୁ ସଫଳ ହେବେ। ରବିବାର : ମନ ପ୍ରଫୁଲ୍ଲ ରହିବ।

# ପ୍ରତିଦିନ ଗୋଟେ ଅଣ୍ଡା ଖାଇଲେ ଶରୀରର ଏସବୁ ସମସ୍ୟା ଦୂର ହେବ

ଅଣ୍ଡାକୁ ସୁପରଫୁଡ୍ ବୋଲି କୁହାଯାଏ, ଯେଉଁଥିରେ ପ୍ରୋଟିନ୍, କ୍ୟାଲ୍ସିୟମ୍, ଓମେଗା-୩ ଫ୍ୟାଟି ଏସିଡ୍, ଭିଟାମିନ୍ ଏ ଏବଂ ବିର ମାତ୍ରା ଭରପୂର ମାତ୍ରାରେ ରହିଥାଏ । ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଶରୀରର ଅଧା ରୋଗ ଭଲ ହୋଇ ଯାଇଥାଏ । ଏହା ସହ ପ୍ରତିଦିନ ଗୋଟେ ଅଣ୍ଡା ଖାଇବା ଦ୍ୱାରା ମଧୁମେହ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ ବୋଲି କିଛି ଦିନ ତଳେ ହୋଇଥିବା ଏକ ଗବେଷଣାରୁ ସ୍ପଷ୍ଟ ହୋଇଛି। ମଧୁମେହ ରୋଗୀଙ୍କୁ ଅଣ୍ଡା ସିଝାଇ ଖାଇବା ଦରକାର ବୋଲି କୁହାଯାଇଛି। ଅନ୍ୟ ପକ୍ଷରେ ମଧୁମେହ ରୋଗୀଙ୍କ ଅଣ୍ଡା ଖାଇବାକୁ ନେଇ ବିଭିନ୍ନ ଗବେଷକମାନେ ଭିନ୍ନ ଭିନ୍ନ ମତ ଦେଇଛନ୍ତି। କିଛି ବୈଜ୍ଞାନିକମାନେ ଏହାକୁ ଭଲ କହିବା ସହ କିଛି ବୈଜ୍ଞାନିକମାନେ ମଧୁମେହ ରୋଗୀଙ୍କ ପାଇଁ ଅଣ୍ଡା ଭଲ ନୁହେଁ ବୋଲି ମତ ରଖିଛନ୍ତି।

### ଅଣ୍ଡା ଖାଇବାର ଅନ୍ୟ କିଛି ଫାଇଦା ...

୧. ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଅଣ୍ଡା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।

୨. ଓଜନ କମ୍ କରିବାକୁ ଚାହୁଁଥିବା ଲୋକମାନେ ଅଣ୍ଡାର ସେବନ କରି ପାରିବେ। ଅଣ୍ଡା ଖାଇବା ଦ୍ୱାରା ସାରାଦିନ ପେଟ ପୁରିବା ଭଳି ଅନୁଭବ ହେବା ସହ ଭୋକ କମ୍ ଲାଗିଥାଏ ।

୩. ଅଣ୍ଡାରେ କଲିନ୍ ଏବଂ କେରୋଟିନଏଡ୍ସ ନାମକ ପୋଷକ ତତ୍ତ୍ୱ ରହିଥାଏ, ଯାହା ଆଖି ଏବଂ ମସ୍ତିଷ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ।

୪.ଅଣ୍ଡାର ସେବନ କରିବା ଦ୍ୱାରା ଖରାପ କୋଲେଷ୍ଟ୍ରଲର ମାତ୍ରା କମ ହୋଇଥାଏ, ଯାହାଦ୍ୱାରା ହୃଦୟ ସୁସ୍ଥ ରହିବା ସହ ହୃଦ୍ଘାତ ହେବାର ଆଶଙ୍କା କମ ହୋଇଥାଏ ।



## ବୋଉର ରୋଷେଇ ଘର

# ଜହ୍ନି ଚିଙ୍ଗୁଡି ବାଟି ବସା



**ଆବଶ୍ୟକ ସାମଗ୍ରୀ :** ଚିଙ୍ଗୁଡି ୫୦୦ ଗ୍ରାମ, ପିଆଜ, ଜହ୍ନି ୪ଟି, ଲୁଣ, କଞ୍ଚା ଲଙ୍କା, ୧ କପ୍ ସୋରିଷ ବଟା, ହଳଦୀ, ଲଙ୍କା ଗୁଣ୍ଡ, ପିଆଜ ୨ଟି, ଟମାଟୋ ୨ଟି, ଧନିଆ ପତ୍ର, ଲେମ୍ବୁ, ଲୁଣ ଓ ତେଲ।

### ପ୍ରସ୍ତୁତି ପ୍ରଣାଳୀ

- ପ୍ରଥମେ ଚିଙ୍ଗୁଡିରେ ଲେମ୍ବୁ ରସ ଓ ହଳଦୀ ଗୁଣ୍ଡ ପକାଇ ଅଧ ଘଣ୍ଟା ମାରିନେଟ କରି ରଖନ୍ତୁ।
- ପରେ ମାରିନେଟ ଚିଙ୍ଗୁଡିରେ କଟା ପିଆଜ, କଞ୍ଚା ଲଙ୍କା, କଟା ଜହ୍ନି, ସୋରିଷ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ପତ୍ର, ଫାଳେ ଲମ୍ବୁ, ସ୍ୱାଦ ଅନୁସାରେ ଲୁଣ ଓ ଏକ ଚାମଚ ତେଲ ପକାଇ ଭଲଭାବେ ଗୋଳାଇ ରଖନ୍ତୁ।
- ମସଲା ସବୁ ଚିଙ୍ଗୁଡିରେ ମିଶି ଯିବା ପରେ ତାକୁ ଏକ ମାଟି ପାତ୍ରରେ ରଖି ଅଳ୍ପ ପାଣି ଦେଇ ଚୁଲି ଉପରେ ବସାନ୍ତୁ। ଏହାପରେ ମାଟି ପାତ୍ରଟିକୁ ଢ଼ାଙ୍କି ଦିଅନ୍ତୁ।
- କିଛି ସମୟ ପରେ ପ୍ରସ୍ତୁତ ହୋଇଯିବ ଚିଙ୍ଗୁ ଜହ୍ନି ବାଟି ବସା।
- ଏହାକୁ ପ୍ଲେଟରେ ପରଶି ଦେଇ କିଛି ଧନିଆପତ୍ର ପକାଇ ଦିଅନ୍ତୁ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ପୃଥିବୀ ନିକଟ ଦେଇ ଅତିକ୍ରମ କଲା ବିରାଟ ଗ୍ରହାଣୁ



**ୱାଶିଂଟନ (ଏଜେନ୍ସି):** ପୃଥିବୀ ନିକଟ ଦେଇ ଅତି କ୍ଷୀପ୍ର ବେଗରେ ଏକ ବିରାଟ ଗ୍ରହାଣୁ ରବିବାର ଅତିକ୍ରମ କରିଛି। '୨୦୦୧ ଏଫ୍‌ଓ୩୨' ଭାବେ ନାମିତ ଏହି ଗ୍ରହାଣୁ ୧୨୪,୦୦୦ କିମି ବେଗରେ ପୃଥିବୀକୁ ଅତିକ୍ରମ କରିଛି। ତେବେ ଏହି ଗ୍ରହାଣୁ ଅତିକ୍ରମ ନେଇ ପୃଥିବୀକୁ କୌଣସି ବିପଦ ନଥିବା ଆମେରିକା ମହାକାଶ ଗବେଷଣା କେନ୍ଦ୍ର ନାସା ପୂର୍ବରୁ କହିଛି। ଏହା ପୃଥିବୀ ଠାରୁ ୨୦ ଲକ୍ଷ କିଲୋମିଟର ଦୂରରେ ଅତିକ୍ରମ କରିଛି।

ଏହି ଗ୍ରହାଣୁଟି ପ୍ରାୟ ୯୦୦ ମିଟର (୩ ହଜାର ଫୁଟ) ବ୍ୟାସ ବୋଲି ଆକଳନ କରାଯାଇଛି ଏବଂ ଏହା ୨୦ ବର୍ଷ ପୂର୍ବେ ଆବିଷ୍କୃତ ହୋଇଥିଲା। ନାସା କହିଛି ଯେ ଯେତେବେଳେ ସୂର୍ଯ୍ୟକିରଣ ଏକ ଗ୍ରହାଣୁ ଗ୍ରହର ପୃଷ୍ଠକୁ ପଡିଥାଏ, ଏହା ତରଙ୍ଗକୁ ଅବଶୋଷଣ ସହ ପ୍ରତିଫଳିତ କରିଥାଏ। ଏହି ଗ୍ରହାଣୁ ପୁଣି ୨୦୫୨ରେ ପୃଥିବୀ ନିକଟତର ହେବ।

# ସୁପ୍ରିମକୋର୍ଟ କହିଲେ ଲୋନ୍ ମୋରାଟୋରିୟମ ଅବଧିରେ ସୁଧ ଛାଡ ସମ୍ଭବ ନୁହେଁ

**ନୂଆଦିଲ୍ଲୀ (ଏଜେନ୍ସି):** ଜଷ୍ଟିସ ଅଶୋକ ଭୂଷଣଙ୍କ ନେତୃତ୍ୱରେ ଏକ ବେଞ୍ଚ ଗତ ବର୍ଷ ଡିସେମ୍ବର ୧୭ ରେ ଲୋନ୍ ମୋରାଟୋରିୟମ୍ ଉପରେ ଏକ ବ୍ୟାଚ୍ ମାମଲା ଉପରେ ନିଜର ରାୟ ସଂରକ୍ଷିତ ରଖିଥିଲେ। ସୁପ୍ରିମ୍ କୋର୍ଟ ତାଙ୍କ ରାୟରେ କହିଛନ୍ତିଯେ, ସୁଧ ଛାଡ ସମ୍ଭବ ନୁହେଁ। କୋଭିଡ-୧୯ ମହାମାରୀକୁ ଦୃଷ୍ଟିରେ ରଖି ରିଅଲ୍ ଇଷ୍ଟେଟ୍ ଏବଂ ପାୱାର୍ ସେକ୍ଟର ସମେତ ବିଭିନ୍ନ ବାଣିଜ୍ୟ ସଙ୍ଗଠନ ପକ୍ଷରୁ ଏକ ବ୍ୟାଚ୍ ଆବେଦନ ଉପରେ ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି। ଯେଉଁମାନେ ଋଣ ମୋରାଟୋରିୟମ ଉପରେ ସମ୍ପୂର୍ଣ୍ଣ ସୁଧ ଛାଡ କରିବାକୁ ଦାବି କରୁଥିଲେ ସେମାନଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ଏକ ଆଶ୍ଚର୍ଯ୍ୟଜନକ ଘଟଣା। ତେବେ କିଛି ଲୋକଙ୍କ ଅସନ୍ତୋଷ ପାଇଁ କୋର୍ଟ ଏହି ନୀତିରେ ହସ୍ତକ୍ଷେପ କରିପାରିବେ ନାହିଁ। ସୁପ୍ରିମକୋର୍ଟର ଜଷ୍ଟିସ ଏମ.ଆର ଶାହା କହିଛନ୍ତି ଯେ ଅନେକ ଆବେଦନକାରୀ ଚାହୁଁଛନ୍ତି ଯେ ଋଣ ମୋରାଟୋରିୟମର ସୁଧକୁ ସମ୍ପୂର୍ଣ୍ଣ ଛାଡ ଦିଆଯାଉ ଏବଂ କ୍ଷେତ୍ର ଅନୁଯାୟୀ ରିଲିଫ ଦିଆଯାଉ। ତେବେ ଅର୍ଥନୈତିକ ନୀତି କ'ଣ ଏବଂ ଆର୍ଥିକ ପ୍ୟାକେଜ କ'ଣ ହେବା ଉଚିତ ତାହା ସ୍ଥିର କରିବା କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କର କାର୍ଯ୍ୟ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କୋର୍ଟ କେବଳ ନୀତିର ଆଇନଗତ ଦିଗକୁ ଦେଖନ୍ତି, ଅର୍ଥନୈତିକ ନିଷ୍ପତ୍ତି ନେବା ସରକାରଙ୍କ ଅଧିକାର। ବ୍ୟାଙ୍କଗୁଡିକ ଆକାଉଣ୍ଟଧାରୀଙ୍କୁ ସୁଧ ଉପରେ ସୁଧ ଫେରାଇବାକୁ ପଡ଼ିବ ଏବଂ ସମ୍ପୂର୍ଣ୍ଣ ସୁଧ ଛାଡ଼ ସମ୍ଭବ ନୁହେଁ। ସୁପ୍ରିମକୋର୍ଟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି ଯେ ଋଣ ମୋରାଟୋରିୟମ ସମୟରେ ସୁଧ ଉପରେ ସୁଧ କିମ୍ବା କ୍ଷତିପୂରଣ ସୁଧ ଆଦାୟ କରାଯିବ ନାହିଁ। ଯଦି ଏହି ଉପାୟରେ କୌଣସି ଚାର୍ଜ କରାଯାଇଛି, ତେବେ ଏହାକୁ ଫେରସ୍ତ କରିବାକୁ ପଡିବ। ଯଦି ଫେରସ୍ତ ସମ୍ଭବ ନୁହେଁ, ତେବେ ଏହାକୁ ପରେ ଆଡଜଷ୍ଟ କରିବାକୁ ପଡିବ। ତେବେ ୮ ଟି ବର୍ଗର ଚକ୍ରବୃଦ୍ଧି ସୁଧ ଛାଡ଼ କରିବାକୁ ସୁପ୍ରିମକୋର୍ଟ କହିଛନ୍ତି। ଗତ ବର୍ଷ ନଭେମ୍ବର ୨୭ ରେ, ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଉଲ୍ଲେଖ କରାଯାଇଥିବା ୮ ଟି ବର୍ଗରେ ଚକ୍ରବୃଦ୍ଧି ସୁଧ ଛାଡ ନିଷ୍ପତ୍ତିକୁ ଉତ୍ତମ ରୂପେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶ୍ରେଣୀଗୁଡ଼ିକ ହେଉଛି ଏମଏସଏମଇ, ଶିକ୍ଷା, ହାଉସିଂ, କଞ୍ଜ୍ୟୁମର ଡ୍ୟୁରେବଲ୍ସ, କ୍ରେଡିଟ୍ କାର୍ଡ, ଅଟୋ ସେକ୍ଟର, ପର୍ସନାଲ୍ ଏବଂ ଉପଭୋକ୍ତା ଅନ୍ତର୍ଭୁକ୍ତ।

# ସୋସିଆଲ ମିଡିଆକୁ ଫେରିବାକୁ ଟ୍ରମ୍ପଙ୍କ ପ୍ରସ୍ତୁତି, ତିଆରି କରୁଛନ୍ତି ନିଜସ୍ୱ ପ୍ଲାଟଫର୍ମ



**ୱାଶିଂଟନ (ଏଜେନ୍ସି):** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଟ୍ୱିଟର, ଫେସବୁକ ଏବଂ ଅନ୍ୟ ସୋସିଆଲ ମିଡିଆ ସାଇଟ୍ ପକ୍ଷରୁ ବ୍ୟାନ୍ କରାଯାଇଥିଲା। ଫଳରେ ଟ୍ରମ୍ପଙ୍କୁ ଆଉ ସୋସିଆଲ ମିଡିଆରେ ସେତେ ସକ୍ରିୟ ଥିବା ଦେଖିବାକୁ ମିଳୁ ନାହିଁ। ତେଣୁ ଟ୍ରମ୍ପ ଏବେ ପୁଣି ଥରେ ସୋସିଆଲ ମିଡିଆକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସେ ନିଜର ସୋସିଆଲ ମିଡିଆ ସାଇଟ୍ ତିଆରି କରୁଥିବା ସୂଚନା ମିଳିଛି। ଗତ ଜାନୁୟାରୀ ୬ରେ ଟ୍ରମ୍ପଙ୍କ ସମର୍ଥକମାନେ କ୍ୟାପିଟଲ ବିଲ୍ଡିଂରେ ଆକ୍ରମଣ କରିବା ପରେ ତାଙ୍କୁ ସୋସିଆଲ ମିଡିଆରୁ ସସ୍‌ପେଣ୍ଡ କରିଦିଆଯାଇଥିଲା। ଫେସବୁକ୍, ଟ୍ୱିଟର ସମେତ ୟୁଟ୍ୟୁବ ଏବଂ ସ୍ନାପଚାଟ୍ ପକ୍ଷରୁ ମଧ୍ୟ ତାଙ୍କୁ ବ୍ୟାନ୍ କରାଯାଇଥିଲା। ଟ୍ରମ୍ପଙ୍କ ଆକାଉଣ୍ଟରୁ ଲଗାତାର ଭୁଲ ସୂଚନା ଏବଂ ଉତ୍ତେଜନା ଉଦ୍ରେକକାରୀ ଭାଷଣ ପୋଷ୍ଟ କରାଯାଉଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିଲା। ସୋସିଆଲ ମିଡିଆ କମ୍ପାନୀଗୁଡ଼ିକର ଏହି ପଦକ୍ଷେପ ପରେ ଟ୍ରମ୍ପ ଆଉ କୌଣସି ପ୍ଲାଟଫର୍ମରେ ନିଜର ଭିଡିଓ ଅପ୍‌ଲୋଡ୍ କରିପାରୁ ନ ଥିଲେ କି କିଛି ପୋଷ୍ଟ କରିପାରୁ ନ ଥିଲେ। ତେଣୁ ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ପ୍ରସ୍ତୁତ କରିବାକୁ ଯୋଜନା ଚଳାଇଥିବା ଜଣାପଡ଼ିଛି।

# ତାଲଚେର-ବିମଳାଗଡ଼ ରେଳପଥ ପ୍ରସଙ୍ଗ; ଓଡ଼ିଶା ସରକାର ହସ୍ତାନ୍ତର କରିବେ ୯୧୬ ଏକର ଜମି



**ନୂଆଦିଲ୍ଲୀ (ଏଜେନ୍ସି):** ତାଲଚେର-ବିମଳାଗଡ଼ ୧୫୦ କି.ମି ରେଳପଥ ନିର୍ମାଣ ଲାଗି ଏପର୍ଯ୍ୟନ୍ତ ୮୩୯ କୋଟି ବ୍ୟୟ ସରିଲାଣି ବୋଲି ରେଳମନ୍ତ୍ରୀ ପିୟୁଷ ଗୋଏଲ ଲୋକସଭାରେ ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା ତାଲଚେର-ସୁନାଖାଣି ୨୦ କି.ମି ଅଂଶ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ପରବର୍ତ୍ତୀ ୨୩.୫ କି.ମି ନିର୍ମାଣ କାର୍ଯ୍ୟ ଜାରି ରହିଛି ବୋଲି ଶ୍ରୀ ଗୋଏଲ ସୂଚନା ଦେଇଛନ୍ତି। ନୂତନ ରେଳପଥ ନିର୍ମାଣ ଲାଗି ଆବଶ୍ୟକ ବାକି ୯୧୬ ଏକର ଜମି ଅଦ୍ୟାବଧି ରାଜ୍ୟ ସରକାର ରେଳବାଇକୁ ହସ୍ତାନ୍ତର କରି ନାହାନ୍ତି। ଜମି ଅଧିଗ୍ରହଣରେ ବିଳମ୍ବ, ଜଙ୍ଗଲ ମଞ୍ଜୁରୀ ଏବଂ ଅନ୍ୟ ଅନୁମତି ପାଇବାରେ ବିଳମ୍ବ, ଭୌଗଳିକସ୍ଥିତି ଓ ଆଇନଶୃଙ୍ଖଳା ପରିସ୍ଥିତି ଆଦି ରେଳପଥ ନିର୍ମାଣକୁ ପ୍ରଭାବିତ କରୁଛି ବୋଲି ଶ୍ରୀ ଗୋଏଲ ଦର୍ଶାଇଛନ୍ତି। ଅନୁଗୁଳ-ସୁକିନ୍ଦା ରୋଡ଼ ରେଳପଥ ନିର୍ମାଣ କାର୍ଯ୍ୟ ୨୦୨୨ ଜୁନ୍ ସୁଦ୍ଧା ସମ୍ପୂର୍ଣ୍ଣ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ଗୋଏଲ ସୂଚନା ଦେଇଛନ୍ତି।

# 'ଛିଛୋରେ' ପାଇଲା ଶ୍ରେଷ୍ଠ ଜାତୀୟ ଚଳଚ୍ଚିତ୍ର, କଙ୍ଗନା ରଣାଓ୍ୱତ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର




**ନୂଆଦିଲ୍ଲୀ (ଏଜେନ୍ସି):** ୬୭ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୧୯ ଘୋଷଣା କରାଯାଇଛି। ବଲିଉଡ ଅଭିନେତା ସ୍ୱର୍ଗତ ସୁଶାନ୍ତ ସିଂହ ରାଜପୁତଙ୍କ ଫିଲ୍ମ 'ଛିଛୋରେ'କୁ ଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ପୁରସ୍କାର ମିଳିଛି। 'ଭୋସ୍ଁଲେ' ଚଳଚ୍ଚିତ୍ର ପାଇଁ ମନୋଜ ବାଜପେୟୀ ଶ୍ରେଷ୍ଠ ଅଭିନେତା ହୋଇଥିବାବେଳେ 'ଅସୁରନ୍' ପାଇଁ ଧନୁଷଙ୍କୁ ମଧ୍ୟ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଛି। ସେହିପରି ଅଭିନେତ୍ରୀ କଙ୍ଗନା ରଣାଓ୍ୱତଙ୍କୁ ଫିଲ୍ମ 'ମଣିକର୍ଣ୍ଣିକା' ଏବଂ 'ପଙ୍ଗା' ପାଇଁ ମିଳିଛି ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର।

ସିକିମ୍‌କୁ ଫିଲ୍ମ ସୁଟିଂ ପାଇଁ ପ୍ରିୟ ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ସୋହିନୀ ଚଟ୍ଟୋପାଧ୍ୟାୟଙ୍କୁ ଶ୍ରେଷ୍ଠ ଚଳଚ୍ଚିତ୍ର ସମାଲୋଚକ ପୁରସ୍କାର ମିଳିଛି। ଶ୍ରେଷ୍ଠ ସହ ଅଭିନେତ୍ରୀ ଭାବେ 'ଦ ତାସ୍‌କେଣ୍ଟ' ଫିଲ୍ମ ପାଇଁ ପଲ୍ଲବୀ ଯୋଶୀଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ଶ୍ରେଷ୍ଠ ସହ ଅଭିନେତା ପାଇଁ ଫିଲ୍ମ 'ସୁପର ଡିଲକ୍ସ' ଲାଗି ବିଜୟ ସେତୁପତି ପୁରସ୍କୃତ ହୋଇଛନ୍ତି। ସେହିପରି ୬୭ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୧୯ରେ ୩ ଓଡ଼ିଆ ଫିଲ୍ମ ସ୍ଥାନ ପାଇଛି। ଏଥର ୩ଟି ଓଡ଼ିଆ ଫିଲ୍ମକୁ ଜାତୀୟ ପୁରସ୍କାର ମିଳିଛି। 'ଶଳାବୁଢ଼ାର ବଦ୍‌ଲା' ଏବଂ 'କାଳିର ଅତୀତ' ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଉଭୟ ଓଡ଼ିଆ ଫିଲ୍ମ ଯୁଗ୍ମ ଭାବେ ଶ୍ରେଷ୍ଠ ବିବେଚିତ ହୋଇଛି। ଓଡ଼ିଆ ଫିଲ୍ମ 'ଶ୍ରୀକ୍ଷେତ୍ରରୁ ସାହିଜାତ' ନନ୍ ଫିଚର ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ର ହୋଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ଶଳା ବୁଢ଼ାର ବଦଲା' ଓ 'କାଳିର ଅତୀତ' ଏବଂ ଶ୍ରେଷ୍ଠ କଳା ଓ ସାଂସ୍କୃତିକ ଚଳଚ୍ଚିତ୍ର ଭାବେ 'ଶ୍ରୀକ୍ଷେତ୍ରରୁ ସାହିଯାତ' ୬୭ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଲାଗି ବିବେଚିତ ହେବା ଓଡ଼ିଶା ପାଇଁ ଗୌରବର ବିଷୟ। ଚଳଚ୍ଚିତ୍ର 'କାଳିର ଅତୀତ'ର ନିର୍ଦ୍ଦେଶକ ନୀଳମାଧବ ପଣ୍ଡା, 'ଶ୍ରୀକ୍ଷେତ୍ରରୁ ସାହିଯାତ'ର ପ୍ରଯୋଜକ ଓ ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକ ଏବଂ 'ଶଳା ବୁଢ଼ାର ବଦଲା'ର ନିର୍ଦ୍ଦେଶକ ଡକ୍ଟର ସବ୍ୟସାଚୀ ମହାପାତ୍ର ଓ ସମସ୍ତ କଳାକାରମାନଙ୍କୁ ମୋର ଶୁଭେଚ୍ଛା।

# ଆଇନ ଅଦାଲତ

## ହାଇକୋର୍ଟ ବାର୍ ନିର୍ବାଚନ ପ୍ରସଙ୍ଗ
### ସମ୍ପାଦକ ପଦବୀ ପାଇଁ ବହୁମୁଖୀ ପ୍ରତିଯୋଗିତା

**କଟକ(ଏନ୍.ଏମ୍.):** ହାଇକୋର୍ଟ ବାର୍ ଆସୋସିଏସନ୍ କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ଚୂଡାନ୍ତ ତାଲିକା ପ୍ରକାଶ ପାଇଥିବାବେଳେ ସଭାପତି ପଦ ପାଇଁ ଦ୍ୱିମୁଖୀ ଓ ସମ୍ପାଦକ ପଦବୀ ପାଇଁ ବହୁମୁଖୀ ପ୍ରତିଦ୍ୱନ୍ଦିତା ହେଉଛି। ସଭାପତି ପଦବୀ ପାଇଁ ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସାହୁ ଓ ଆଇନଜୀବୀ କାଳୀ ପ୍ରସନ୍ନ ମିଶ୍ର ପ୍ରାର୍ଥୀ ରହିଛନ୍ତି। ସେହିପରି ଉପସଭାପତି ପଦ ପାଇଁ ଦେବୀପ୍ରସାଦ ଦାଶ, କ୍ଷୀରୋଦ କୁମାର ରାଉତ, ନଗେନ କୁମାର ବାରିକ ପ୍ରାର୍ଥୀ ହୋଇଛନ୍ତି। ସମ୍ପାଦକ ପଦ ପାଇଁ ଆଲୋକ ପ୍ରସାଦ ନନ୍ଦ, ବିପ୍ଲବ ପି.ବି.ବାହାଲି, ଚିତ୍ତରଞ୍ଜନ ସ୍ୱାଇଁ, ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା, ଗଙ୍ଗାଧର ସାମଲ ପ୍ରାର୍ଥୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ପଦ ପାଇଁ ବିଶ୍ୱେସ କେଶରୀ ନନ୍ଦ, ମଦନମୋହନ ଦାସ, ପ୍ରଣୟ ସ୍ୱାଇଁ, ସହସମ୍ପାଦକ ପଦ ପାଇଁ ଦେବାଶିଷ ସ୍ୱାଇଁ, ସରୋଜକାନ୍ତ ମଣ୍ଡଳ, ତାପସ କୁମାର ଆଚାର୍ଯ୍ୟ, ସହସଂପାଦକ (ପାଠାଗାର) ପାଇଁ ଅନିତା ନନ୍ଦ, ବିଜୟ କୁମାର ମିଶ୍ର, ଦୁର୍ଗାଚରଣ ନାୟକ, ରାଜକୁମାର ସୂତାର ପ୍ରାର୍ଥୀ ରହିଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ପଦ ପାଇଁ ଅଭିଷେକ ମହାନ୍ତି, ବିଭୁଦ ବାରିକ, ବ୍ୟୋମକେଶ ତ୍ରିପାଠୀ, ଦୀପକରଂଜନ ମିଶ୍ର, ଗଣେଶ୍ୱର ବେହେରା, ପ୍ରଦୀପ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ଦଳାଇ, ରାକେଶ କୁମାର ରାଉତରାୟ, ରାମକୃଷ୍ଣ ମିଶ୍ର, ରୁଚି ରାଜଗର୍ହିଆ, ଶିବ ପ୍ରସାଦ ମିଶ୍ର, ସୌମ୍ୟକାନ୍ତ ତ୍ରିପାଠୀ, ସେମ୍ୟରଞ୍ଜନ ଓଝା, ଠାକୁର ସଂଗ୍ରାମ ସିଂ ପ୍ରାର୍ଥୀ ରହିଛନ୍ତି। ହାଇକୋର୍ଟ ବାର୍ ଆସୋସିଏସନର ବରିଷ୍ଠ ସଦସ୍ୟ ବାସୁଦେବ ପୂଜାରୀ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ନାବାଳିକା ଯୌନ ଶୋଷଣ ମାମଲା
### ଆସାମୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା

**କଟକ(ଏନ୍.ଏମ୍.):** ଏକ ନାବାଳିକା ବଳାତ୍କାର ଓ ଯୌନ ଶୋଷଣ ମାମଲାରେ କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟ ଆସାମୀ ସୁରଜ ପ୍ରସାଦକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି। ଏଥିସହ ଆସାମୀକୁ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଆସାମୀକୁ ଆଉ ଅଧିକ ୧ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ କହିଛନ୍ତି।

ପୋକ୍‌ସୋ କୋର୍ଟ ଆସାମୀ ସୁରଜ ପ୍ରସାଦକୁ ଆଇପିସିର ୩୬୩ ଦଫାରେ ୧୦ହଜାର ଟଙ୍କାର ଜରିମାନା ସହ ୧ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆସାମକୁ ଆଉ ଅଧିକ ୧ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ରହିଛି। ସେହିପରି ଆଇପିସିର ୩୭୬(୨)(ଆଇ)ଏ ଦଫାରେ ଆସାମୀକୁ ୧୦ ବର୍ଷ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ସୁରଜକୁ ଆଉ ଅଧିକ ୧ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ। ଅନ୍ୟପକ୍ଷରେ ପୋକ୍‌ସୋ ଆଇନର ୬ ଦଫାରେ ଆସାମୀକୁ ଅଦାଲତ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ କହିଛନ୍ତି। ଏହି ଦଫାରେ ମଧ୍ୟ ଜରିମାନା ଅନାଦେୟ ହେଲେ ଆସାମୀକୁ ଆଉ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ। ତେବେ ଏହି ମାମଲାରେ ସମସ୍ତ ଦଣ୍ଡାଦେଶ ଏକତ୍ର ଲାଗୁ ହେବ। ଅନୁଗୁଳ ଅଞ୍ଚଳର ଅଭିଯୁକ୍ତ ସୁରଜ କଟକର ମହିଳା ଥାନା ଅଧିନସ୍ଥ ଜଣେ ୧୬ ବର୍ଷୀୟା ନାବାଳିକାକୁ ଗତ ୨୦୧୩ ମସିହା ଅକ୍ଟୋବର ୩୦ତାରିଖରେ ଅପହରଣ କରି ନେଇଥିଲା। ଅଭିଯୁକ୍ତ ଜଣକ ଉକ୍ତ ନାବାଳିକାକୁ ଅପହରଣ ପରେ ବଳାତ୍କାର କରିବା ସହ ଅକଥନୀୟ ଯୌନ ନିର୍ଯାତନା ଦେଇଥିଲା ଘଟଣା ପରେ ନାବାଳିକାର ପରିବାର ପକ୍ଷରୁ ବହୁତ ଖୋଜାଖୋଜି କରାଯାଇଥିଲା। ତେବେ ଉକ୍ତ ନାବାଳିକାର ଖୋଜ ଖବର ନମିଳିବାରୁ ତା'ପରିବାର ପକ୍ଷରୁ ୨୦୧୩ ନଭେମ୍ବର ୧୩ ତାରିଖରେ ମହିଳା ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ପୁଲିସ୍ ଉକ୍ତ ଅଭିଯୋଗ ଆଧାରରେ ତଦନ୍ତ କରି ୨୦୧୩ ନଭେମ୍ବର ୨୪ ତାରିଖରେ ପିଡିତା ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲା। ଏହି ମାମଲା କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟରେ ମାମଲାର ବିଚାର ଚାଲିଥିଲା। ପୁଲିସ୍ ଏହି ମାମଲାରେ ଅଭିଯୁକ୍ତ ବିରୋଧରେ ଅଭିଯୋଗପତ୍ର ଦାଖଲ କରିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ପୋକ୍‌ସୋ କୋର୍ଟରେ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

## ମଦ୍ୟପାନ ହେତୁ ମୃତ୍ୟୁ ହେଲେ ବୀମା ରାଶି ମିଳିବ ନାହିଁ -ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ(ଏଜେନ୍ସି):** ଅତ୍ୟଧିକ ମଦ୍ୟପାନ ହେତୁ ଯଦି କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି, ତେବେ ତାଙ୍କୁ ବୀମା ଦାବି ମିଳିବ ନାହିଁ। ସୁପ୍ରିମକୋର୍ଟ ସୋମବାର ଏକ ମାମଲାର ଶୁଣାଣି ବେଳେ କହିଛନ୍ତି ଯେ ମଦ୍ୟପାନ ହେତୁ ମୃତ୍ୟୁ ଉପରେ କୌଣସି ବୀମା ଦାବି ରହିବ ନାହିଁ। ଅଦାଲତ କହିଛନ୍ତି ଯେ, ବୀମା କମ୍ପାନୀର ଦାୟିତ୍ୱ ସମ୍ପୁର୍ଣ୍ଣ କିମ୍ବା ପ୍ରତ୍ୟକ୍ଷ ଭାବରେ ଦୁର୍ଘଟଣା ଘଟାଇଥିବା ଘଟଣାରେ କ୍ଷତିପୂରଣ ପ୍ରଦାନ କରିବା। ସୁପ୍ରିମ କୋର୍ଟ ଜଣେ ବ୍ୟକ୍ତିଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ବୀମା ଦାବି ଉପରେ ଶୁଣାଣି କରିଥିଲେ ଯାହାର ଅତ୍ୟଧିକ ମଦ୍ୟପାନ କରିବା ପରେ ଶ୍ୱାସରୁଦ୍ଧ କାରଣରୁ ମୃତ୍ୟୁ ହୋଇଥଲା। ଜଷ୍ଟିସ ଏମ.ଏମ ଶାନ୍ତନଗୋଦର ଏବଂ ଜଷ୍ଟିସ ଭିନିତ ସରନଙ୍କ ବେଞ୍ଚ ଜାତୀୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗର ଆଦେଶକୁ ସମର୍ଥନ କରିଛନ୍ତି ଯେଉଁଥିରେ କୁହାଯାଇଛି ଯେ, ମୃତ୍ୟୁ କୌଣସି ଦୁର୍ଘଟଣା ହେତୁ ହୋଇନଥିଲା ଏବଂ ବୀମା ପଲିସି ଅନୁଯାୟୀ ଏଭଳି ମାମଲାରେ କ୍ଷତିପୂରଣ ଦେବାର କୌଣସି ବିଧିଗତ ଦାୟିତ୍ୱ ନାହିଁ। ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ମନ୍ତବ୍ୟ ସହିତ ସୁପ୍ରିମକୋର୍ଟ ଅତ୍ୟଧିକ ମଦ୍ୟପାନ ଯୋଗୁଁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ବୀମା ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଅଦାଲତ କହିଛନ୍ତି ଯେ, ଏହି ଘଟଣାରେ ବୀମା କମ୍ପାନୀର ଦାୟିତ୍ୱ ସମ୍ପୂର୍ଣ୍ଣ କିମ୍ବା ପ୍ରତ୍ୟକ୍ଷ ଭାବରେ ଦୁର୍ଘଟଣା ହେତୁ କ୍ଷତିପୂରଣ ଦେବା। ଜାତୀୟ ଉପଭୋକ୍ତା ବିବାଦ ସମାଧାନ କମିଶନଙ୍କ ଆଦେଶକୁ କୋର୍ଟ ସମର୍ଥନ କରିଛନ୍ତି। ଯେଉଁଥିରେ କୁହାଯାଇଥିଲା ଯେ ମୃତ୍ୟୁ କୌଣସି ଦୁର୍ଘଟଣା ହେତୁ ହୋଇ ନାହିଁ ଏବଂ ବୀମା ପଲିସି ଅନୁଯାୟୀ ଏଭଳି ମାମଲାରେ କ୍ଷତିପୂରଣ ଦେବାର କୌଣସି ବିଧିଗତ ଦାୟିତ୍ୱ ନାହିଁ। କୋର୍ଟ କହିଛନ୍ତି ଯେ ମାମଲାର ସତ୍ୟତା ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମେ ଜାତୀୟ ଆୟୋଗର ୨୪ ଏପ୍ରିଲ ୨୦୦୯ ଆଦେଶରେ ହସ୍ତକ୍ଷେପ କରିବାର କୌଣସି କାରଣ ଦେଖୁନାହୁଁ। ସୂଚନାଯୋଗ୍ୟ ଯେ, ହିମାଚଳ ପ୍ରଦେଶ ରାଜ୍ୟ ଜଙ୍ଗଲ ନିଗମରେ ପୋଷ୍ଟ କରାଯାଇଥିବା ଜଣେ ରକ୍ଷୀଙ୍କ ଆଇନଗତ ଉତ୍ତରାଧିକାରୀ ନର୍ବଦା ଦେବୀଙ୍କ ଆବେଦନ ଉପରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ହିମାଚଳ ପ୍ରଦେଶର ଶିମ୍‌ଲା ଜିଲ୍ଲାରେ, ଏହି ରକ୍ଷୀ ୧୯୯୭ ମସିହାରେ ଅକ୍ଟୋବର ୭-୮ ମଧ୍ୟଭାଗରେ ମୃତ୍ୟୁ ବରଣ କରିଥିଲେ। ପୋଷ୍ଟମର୍ଟମ ରିପୋର୍ଟରେ, ତାଙ୍କ ମୃତ୍ୟୁର କାରଣ ଅତ୍ୟଧିକ ମଦ୍ୟପାନ ଯୋଗୁଁ ଶ୍ୱାସରୁଦ୍ଧ ହୋଇଥିବାର କାରଣରୁ ଜଣାପଡ଼ିଛି। ଅଦାଲତ କହିଛନ୍ତି ଯେ, ଏଭଳି ମୃତ୍ୟୁ ଦୁର୍ଘଟଣାଜନିତ ମୃତ୍ୟୁ ବର୍ଗରେ ନାହିଁ ଏବଂ ସମ୍ପୃକ୍ତ ବୀମା ପଲିସି ଅନୁଯାୟୀ ବୀମା କମ୍ପାନୀ କ୍ଷତିପୂରଣ ଦେବାକୁ ଦାୟୀ ନୁହେଁ।

## ବାଲୁଖଣ୍ଡ କୋଣାର୍କ ଅଭୟାରଣ୍ୟରେ ବେଆଇନ ନିର୍ମାଣ ମାମଲାର ଅନ୍ତ କଲେ ହାଇକୋର୍ଟ



**କଟକ(ଏନ୍.ଏମ୍.):** ବାଲୁଖଣ୍ଡ କୋଣାର୍କ ଅଭୟାରଣ୍ୟରେ ହେଉଥିବା ବେଆଇନ ନିର୍ମାଣ ବିରୋଧରେ ରୁଜୁ ମାମଲାର ଅନ୍ତ କଲେ ହାଇକୋର୍ଟ। ପୂର୍ବରୁ ମୁଖ୍ୟ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ମାଣ ଅଞ୍ଚଳର ରଙ୍ଗୀନ୍ ନକ୍ସା ଦେବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଥିଲେ। ଏହି ମାମଲାରେ କୋଣାର୍କ ଏନ୍‌ଏସି ପକ୍ଷରୁ ନିର୍ବାହୀ ଅଧିକାରୀ ଶ୍ରୀନିବାସ ରାଓ ସତ୍ୟପାଠ ଦାଖଲ କରି ଦର୍ଶାଇଥିଲେ ଯେ, ବିବାଦୀୟ ଜମି କୋଣାର୍କ-ବାଲୁଖଣ୍ଡ ବଣ୍ୟପ୍ରାଣୀ ଅଭୟାରଣ୍ୟ ଅଞ୍ଚଳ ମଧ୍ୟରେ ଆସୁନାହିଁ। ସେହିପରି ହାଇଟାଇଡ୍ ଲାଇନ୍‌ର ୫ଶହ ମିଟର ଅବଧି ମଧ୍ୟରେ ନାହିଁ। ଅନ୍ୟପକ୍ଷରେ ଉକ୍ତ ଜମି ସିଆର୍‌ଜେଡ୍-୩ ଅଞ୍ଚଳ ପରିଧି ମଧ୍ୟରେ ନାହିଁ। ତେବେ ସପ୍ତମ ଇକୋସେନ୍‌ସିଟିଭ୍ ଜୋନ୍ ମନିଟରିଂ କମିଟିରେ ଏହି କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ଆଜି ହାଇକୋର୍ଟ ଏହି ମାମଲାର ପୂର୍ଣ୍ଣଛେଦ ପକାଇଛନ୍ତି। ସୂଚନା ଅନୁଯାୟୀ, ପୂର୍ବରୁ ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଉକ୍ତ ନିର୍ମାଣ ଉପରେ ସ୍ଥିତାବସ୍ଥା ଜାରି କରିଥିଲେ। ଏଥିସହିତ ହାଇକୋର୍ଟ ରାଜ୍ୟ ସରକାର ଓ ମାମଲାର ସମସ୍ତ ପ୍ରତିପକ୍ଷଙ୍କୁ ମଧ୍ୟ ନୋଟିସ ଜାରି କରିଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ସେଠାରେ କମ୍ପୋଷ୍ଟିଂ ସେଣ୍ଟର ନିର୍ମାଣ କାର୍ଯ୍ୟ କରାଯାଇଥିଲା। ତେବେ ଏହି ନିର୍ମାଣ ଅଞ୍ଚଳ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଅଞ୍ଚଳରେ ଆସୁଥିବା ଅଭିଯୋଗ କରି ଏପରି ବେଆଇନ କାର୍ଯ୍ୟକୁ ବିରୋଧ କରାଯାଇଥିଲା। ନିର୍ମାଣ କରାଯାଇଥିବା ଅଞ୍ଚଳ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଅଞ୍ଚଳ ବୋଲି ରାଜ୍ୟ ସରକାର ଗତ ୧୯୮୬ ମସିହା ସେପ୍ଟେମ୍ବର ୧ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଥିଲେବୋଲି ଆବେଦନରେ ଅଭିଯୋଗ କରାଯାଇଥିଲା। ଏହି ଅଞ୍ଚଳ ଅଭୟାରଣ୍ୟ ଅଞ୍ଚଳ ହୋଇଥିବାରୁ ଏଠାରେ ନିର୍ମାଣ କାର୍ଯ୍ୟ ବେଆଇନ ଅଟେ ବୋଲି ଦର୍ଶାଯାଇଥିଲା। ତେବେ ପ୍ରଶାସନ ପକ୍ଷରୁ ଏଠାରେ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଏହାକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଏଥିରେ ଏପରି ବେଆଇନ ନିର୍ମାଣ ଯୋଗୁ ଅଭୟାରଣ୍ୟର ପରିବେଶ ପ୍ରଭାବିତ ହେବ ବୋଲି କୁହାଯାଇଥିଲା। ସେହିପରି ଏଠାରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର କରାଗଲେ ଏଠାକାର ସମୁଦ୍ର ପାଣି ସହିତ ପରିବେଶ ମଧ୍ୟ ପ୍ରଦୁଷଣ ହେବ ବୋଲି ରୁଜୁ ମାମଲାରେ ଦର୍ଶାଯାଇଥିଲା।

## ସୁପ୍ରିମକୋର୍ଟରେ ଓଟିଟି ପ୍ଲାଟଫର୍ମ ପ୍ରସଙ୍ଗରେ ଶୁଣାଣି

**ନୂଆଦିଲ୍ଲୀ(ଏଜେନ୍ସି):** ନେଟଫ୍ଲିକ୍ସ, ଆମାଜନ ପ୍ରାଇମ ଭିଡିଓ ଏବଂ ହଟଷ୍ଟାର ସମେତ ଅନ୍ୟାନ୍ୟ ଓଟିଟି ପ୍ଲାଟ୍‌ଫର୍ମ (ଉପରେ) ନିର୍ଦ୍ଦେଶାବଳୀ ଶୁଣାଣି ପାଇଁ ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟ ଦେଶର ସମସ୍ତ ହାଇକୋର୍ଟଙ୍କୁ ବର୍ତ୍ତମାନ ଏହି ପ୍ରସଙ୍ଗରେ ସରକାର ଦେଇଥିବା ଆବେଦନ ଶୁଣାଣି ବନ୍ଦ କରିବାକୁ କହିଛନ୍ତି। ଏଥି ସହ କେନ୍ଦ୍ର ସରକାର ଏ ନେଇ ସୁପ୍ରିମକୋର୍ଟରେ ଏକ ଆଫିଡେଭିଟ୍ ଦାଖଲ କରିଛନ୍ତି। ଯେଉଁଥିରେ ସରକାର ଦାବି କରିଛନ୍ତି ଯେ, ଓଟିଟି ପ୍ଲାଟଫର୍ମରେ କାର୍ଯ୍ୟକ୍ରମର ବିଷୟବସ୍ତୁ ଏବଂ ଏହି ପ୍ଲାଟଫର୍ମରେ ଥିବା ବିଷୟବସ୍ତୁକୁ ଯାଞ୍ଚ କରିବା ପାଇଁ ଏକ ଯାନ୍ତ୍ରିକ କୌଶଳ ସୃଷ୍ଟି କରିବାକୁ ଦୀର୍ଘ ଦିନର ଦାବି ରହିଛି। ସରକାର କହିଛନ୍ତି ଯେ, ଅନେକ ରାଜ୍ୟର ସାଂସଦ ଏବଂ ମୁଖ୍ୟମନ୍ତ୍ରୀମାନେ ଓଟିଟି ପ୍ଲାଟଫର୍ମର ବିଷୟବସ୍ତୁ ଉପରେ କ୍ରମାଗତ ଭାବରେ ଅଭିଯୋଗ ଗ୍ରହଣ କରୁଛନ୍ତି। ତେଣୁ, ସୂଚନା ପ୍ରଯୁକ୍ତିବିଦ୍ୟା ନିୟମ, ୨୦୨୧ କୁ ସୋସିଆଲ ମିଡିଆ ପ୍ଲାଟଫର୍ମ, ଓଟିଟି ଏବଂ ଡିଜିଟାଲ ମିଡିଆ ପାଇଁ ପ୍ରସ୍ତୁତ କରିବାକୁ ପଡିଲା।

ସୋମବାର, ମାର୍ଚ୍ଚ ୨୯ ରୁ ଏପ୍ରିଲ ୦୪, ୨୦୨୧

ନିଷ୍କର୍ଷ
NISHKARSHA



## ସମ୍ପାଦକୀୟ

# ପଛୁଆବର୍ଗଙ୍କୁ ନେଇ ତେଜୁଛି ରାଜନୀତି

ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ମଣ୍ଡଳ କମିଶନ ସୁପାରିଶ ଆଧାରରେ ସାରା ଦେଶରେ କାର୍ଯ୍ୟକାରୀ ହୋଇଥିବା ୨୭ ପ୍ରତିଶତ ସଂରକ୍ଷଣ ଓଡ଼ିଶାରେ ଲାଗୁ କରାଯାଇ ନାହିଁ । ଫଳରେ ପଛୁଆବର୍ଗଙ୍କ ଉନ୍ନତି ସାଧାନରେ ବାଧକ ସାଜିଛି । ତେବେ ଏ ନେଇ କେନ୍ଦ୍ର ରାଜ୍ୟକୁ ବାରମ୍ବାର ଚିଠି ଲେଖିବା ପରେ ଏବେ ପଛୁଆବର୍ଗଙ୍କୁ ନେଇ ରାଜନୀତିର ଉଷ୍ମତା ବାରି ହୋଇ ପଡୁଛି । ସୂଚନା ଅନୁଯାୟୀ, ଭି.ପି. ସିଂହଙ୍କ ସରକାର ମଣ୍ଡଳ କମିଶନ ସୁପାରିଶକୁ କାର୍ଯ୍ୟକାରୀ କରି ୧୯୯୦ ମସିହାରେ ଯେଉଁ ଆଦେଶ ପ୍ରଦାନ କରିଥିଲେ ତାହାକୁ ସୁପ୍ରିମକୋର୍ଟର ସାମ୍ବିଧାନିକ ବେଞ୍ଚ ୧୯୯୩ରେ ବୈଧ ଘୋଷଣା କରିଥିଲେ । ସୁପ୍ରିମକୋର୍ଟର ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ସ୍ୱର୍ଗତଃ ରଙ୍ଗନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ସାମ୍ବିଧାନିକ ବେଞ୍ଚ ସମ୍ବିଧାନର ଆଧାର ଉପରେ ପଛୁଆ ଜାତିମାନଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ବୋଲି ମତ ଦେବା ସହିତ ମୋଟ ସଂରକ୍ଷଣ ସୀମା ଶତକଡ଼ା ୫୦ ଭାଗରୁ ଅଧିକ ହେବ ନାହିଁ ବୋଲି ମତ ଦେଇଥିଲେ । ଯେହେତୁ ଭାରତରେ ମୋଟ ଲୋକସଂଖ୍ୟାର ଶତକଡ଼ା ୨୨ ଭାଗ ଦଳିତ ଓ ଆଦିବାସୀ ଅଛନ୍ତି ସେହେତୁ ପଛୁଆବର୍ଗ ପାଇଁ ୨୭ପ୍ରତିଶତ ସ୍ଥାନ ସଂରକ୍ଷଣରେ କୌଣସି ଅସୁବିଧା ନାହିଁ ବୋଲି କୁହାଯାଇଥିଲା । ଏଥିରେ ଆହୁରି ମଧ୍ୟ କୁହାଯାଇଥିଲା ଯେ, ଶତକଡ଼ା ୫୦ ଭାଗ ସଂରକ୍ଷଣ ସୀମା ଅତିକ୍ରମ କରିବାକୁ ହେଲେ ସଂପୃକ୍ତ ରାଜ୍ୟକୁ ଏଥିପାଇଁ ବିଶେଷ ପରିସ୍ଥିତି କ'ଣ ରହିଛି ତାହା ଦର୍ଶାଇବାକୁ ପଡ଼ିବ । ତେବେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ସରକାରୀ ଚାକିରି ଓ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନମାନଙ୍କରେ ଶତକଡ଼ା ୨୭ ଭାଗ ସ୍ଥାନ ସଂରକ୍ଷଣ ରଖିଲେ । କିନ୍ତୁ ଓଡ଼ିଶାରେ ଯେହେତୁ ଆଦିବାସୀ ଓ ଦଳିତମାନଙ୍କର ଲୋକସଂଖ୍ୟା ଶତକଡ଼ା ୩୮.୫ ଭାଗ ଅଛି ସେହେତୁ ଓଡ଼ିଶାରେ ୨୭ଭାଗ ସ୍ଥାନ ସଂରକ୍ଷଣ ୫୦ପ୍ରତିଶତକୁ ଅତିକ୍ରାନ୍ତ କରିଯାଉଛି । ସେତେବେଳେ ଓଡ଼ିଶାରେ କ୍ଷମତାରେ ଥିବା ବିଜୁ ପଟ୍ଟନାୟକଙ୍କ ସରକାର ଉପରେ ଚାପ ସୃଷ୍ଟିହେବା ପରେ ସେ ଓଡ଼ିଶାରେ ପଛୁଆବର୍ଗରେ କେଉଁ ଜାତି ରହିବେ ଓ କେଉଁ ଜାତି ବାଦ୍ ପଡ଼ିବେ ସେଥିପାଇଁ ସ୍ୱର୍ଗତଃ ନବ ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ସୁପ୍ରିମକୋର୍ଟର ରାୟ ପରିପ୍ରେକ୍ଷୀରେ ଓଡ଼ିଶାରେ ମୋଟ ସଂରକ୍ଷଣ ସୀମା ୫୦ ଭାଗକୁ ଅତିକ୍ରମ କରି ୬୫ ଭାଗରେ ପହଞ୍ଚିବା କେତେଦୂର ଯଥାର୍ଥ, ଏହାର କାରଣ ଓ ବିଶେଷ ପରିସ୍ଥିତି ରହିଛି ତାହାର ତଥ୍ୟକୁ ଠିକ୍ ଭାବରେ ପ୍ରସ୍ତୁତ ନକରି ସରକାରୀ ଆଦେଶ ବଳରେ ୨୭ ଭାଗ ସ୍ଥାନ ସଂରକ୍ଷଣ ବିଷୟରେ ଏକ ନିଷ୍ପତି ନେଇଥିଲେ । କିନ୍ତୁ ଏହି ଆଧାର ଉପରେ ଯେତେବେଳେ ସରକାରୀ ଚାକିରି ହେବେ ବା ସର୍ଭିସ୍ ରିକ୍ୟୁଟମେଣ୍ଟରେ ଏହି ଧାରାକୁ ପ୍ରୟୋଗ କରାଗଲା ସେତେବେଳେ ଏହା ଉପରେ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲରେ ଚ୍ୟାଲେଞ୍ଜ କରାଗଲା । ସରକାଙ୍କ ଓକିଲ ସୁପ୍ରିମକୋର୍ଟର ରାୟ ପରିପ୍ରେକ୍ଷୀରେ ଏଥିପାଇଁ ୨୭ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ଓଡ଼ିଶାରେ କି ବିଶେଷ ପରିସ୍ଥିତି ରହିଛି ତାହାକୁ ତଥ୍ୟ ସହିତ ଉପସ୍ଥାପିତ କରିପାରିଲେ ନାହିଁ । ଫଳରେ ଟ୍ରିବୁନାଲ ଓଡ଼ିଶା ସରକାରଙ୍କ ଆଦେଶକୁ ଅକାମୀ କରିଦେଇଥିଲା । କିନ୍ତୁ ଏବେ ରାଜ୍ୟ ସରକାର ପଛୁଆବର୍ଗ ସଂରକ୍ଷଣ କ୍ଷେତ୍ରରେ ସଠିକ ନିଷ୍ପତ୍ତି ନେଇ ପାରୁନଥିବା ବହୁ ବୁଦ୍ଧିଜୀବୀମାନେ ଅଭିଯୋଗ ଉଠାଇଛନ୍ତି । ତେବେ ପଛୁଆବର୍ଗଙ୍କୁ ନେଇ ସରକାର ରାଜନୀତି ନକରି ବରଂ ସେମାନଙ୍କ ଉନ୍ନତି କିଭଳି ହୋଇ ପାରିବ ସେ ନେଇ ଚିନ୍ତା କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

* * *

# ମହିଳା ଦିବସରେ ଭାରତୀୟ ନାରୀ



**ମନୋଜ ବସନ୍ତରାୟ**

ଆନ୍ତର୍ଜାତିକ ମହିଳା ଦିବସରେ ଗୋଟେ ପଟେ ମହିଳା ସଶକ୍ତୀକରଣକୁ ନେଇ ସର୍ବତ୍ର ବିଭିନ୍ନ ଆଦର୍ଶଗତ କଲ୍ୟାଣକାରୀ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଥିବା ସମୟରେ ଅନ୍ୟପଟେ ମହିଳା ମାନଙ୍କୁ ସ୍ୱାଧୀନତା ଓ ସୁରକ୍ଷାର ପ୍ରଶ୍ନ ସାମ୍ନାକୁ ଆସିଛି । ଆମ ଦେଶ କଥା ବିଚାରକୁ ନେଲେ ସମସ୍ତ ଧର୍ମଗ୍ରନ୍ଥ ପୌରାଣିକ ଗଳ୍ପ ଏପରି ଭାବରେ ଲିଖିତ ହୋଇଛି ଯେ, ନାରୀ ଯେମିତି କେବଳ ପୁରୁଷ ସମାଜର ଦାସୀ ଭଳି ସେବା କରିବାକୁ ଜନ୍ମ ନେଇଛି ଏବଂ ଏହାହିଁ ସେମାନଙ୍କ ମୁକ୍ତି ନିମନ୍ତେ ଏକମାତ୍ର ମାର୍ଗ । ବର୍ଷ ବର୍ଷ ଧରି ସମାଜର ଏହି ପିତୃତାନ୍ତ୍ରିକ ବ୍ୟବସ୍ଥା ନାରୀମାନଙ୍କ ଉପରେ ଅତ୍ୟାଚାର ଓ ଦମନ ପୀଡ଼ନ କରିଛି ଏବଂ ସମସ୍ତ ପ୍ରକାର ଅତ୍ୟାଚାରକୁ ସ୍ୱାଭାବିକ ଭାବେ ମାନିନେବାକୁ ସେମାନଙ୍କୁ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯାଇଛି । କୋଉ ଯୁଗରୁ ଏହି ତଥାକଥିତ ପୁରୁଷ କୈନ୍ଦ୍ରିକ ସମାଜକୁ ଖୁସି କରିବା ପାଇଁ ସେମାନଙ୍କ ସମ୍ମାନାର୍ଥେ ମା' ଜେଜେମା', ଆଇମାନେ ଝିଅ ଓ ନାତୁଣିମାନଙ୍କୁ ସେହି ଏକା ଶିକ୍ଷା ଦେଇ ଆସୁଛନ୍ତି । ଏପରି ଶିକ୍ଷା ଝିଅଟିର ଶୈଶବରୁ ଆରମ୍ଭ ହୋଇ ମରଣ ଜୁଇ ପର୍ଯ୍ୟନ୍ତ ଚାଲିଥାଏ, ଏହିକି ଯେ, ତୁମେ ଜଣେ ଝିଅ, ତୁମର ବିବାହ ଜଣେ ପୁଅ ସହିତ ହେବ, ତେଣୁ ତୁମେ ନିଜ ଖିଆଲ ଖୁସିରେ ଚାଲି ପାରିବ ନାହିଁ ଓ ସ୍ୱାଧୀନ ଭାବେ ନିଜର କଥା ବ୍ୟକ୍ତ କରି ପାରିବ ନାହିଁ । ଏପରିକି ଖୁସିରେ କଥା ହେଲେ ବି ବଡ଼ପାଟିରେ ହସି ପାରିବ ନାହିଁ, କାରଣ ଏହା ଅଭଦ୍ରତା । ତେଣୁ ତୁମର ଏକମାତ୍ର କାର୍ଯ୍ୟ ହେଉଛି ନିଜକୁ ସ୍ୱାମୀର ପସନ୍ଦ ଅନୁସାରେ ଆନୁଗତ୍ୟ ପ୍ରକାଶ କରି ଜଣେ ସେବାଦାସୀ ଭାବରେ ଗଢ଼ିବାକୁ ହେବ । ପାରମ୍ପରିକ ରକ୍ଷଣଶୀଳ ପୁରୁଷ କୈନ୍ଦ୍ରିକ ସମାଜ ନିମନ୍ତେ ତୁମକୁ ବିବାହ ହୋଇ ମା' ହେବାକୁ ପଡ଼ିବ ଓ ମା' ହୋଇ ପୁତ୍ର ସନ୍ତାନଟିଏ ଜନ୍ମ କଲେ ସ୍ୱାଗତଯୋଗ୍ୟ ଅନ୍ୟ ଦିଗରେ ଯଦି ଝିଅଟି ବିବାହ ନକରେ ତେବେ ତା'ର ଆତ୍ମୀୟ ସ୍ୱଜନ ବନ୍ଧୁ ବାନ୍ଧବ, ସାଙ୍ଗ ସାଥି ସମସ୍ତେ କହିବେ ଯେ, ଯେତେବେଳେ ରୋଗିଣା ଓ ବୁଢ଼ୀ ହୋଇଯିବ, ସେତେବେଳେ ତୁମକୁ ଦେଖିବ କିଏ ? ସନ୍ତାନ ନହେଲେ ମଧ୍ୟ ନାରୀକୁ ଦୋଷ ଦିଆଯାଏ । ଯଦି ଭଲ ପାଠ ପଢ଼ି ଉଚ୍ଚ ଶିକ୍ଷିତା ହୋଇ ନାରୀ ଜଣଙ୍କ ଡାକ୍ତର, ଶିକ୍ଷୟିତ୍ରୀ, ବୈଜ୍ଞାନିକ, ଅର୍ଥନୈତିଜ୍ଞ, ରାଜନୀତିଜ୍ଞ ହିସାବରେ ସଫଳ ହୁଅନ୍ତି ତେବେ ସେହି ସଫଳତା ସେମାନଙ୍କ ପାଇଁ ମୂଲ୍ୟହୀନ ହେବ ଯେପର୍ଯ୍ୟନ୍ତ ସେ ଜଣେ ସ୍ତ୍ରୀ ବା ମା' ହୋଇ ନପାରିଛନ୍ତି । ଏହି ଶିକ୍ଷା ଓ ଚିନ୍ତା ବିଗତ ହଜାର ହଜାର ବର୍ଷ ଧରି ଅଦ୍ୟାବଧି ଝିଅମାନଙ୍କ ମାନସ ପଟଳ, ରକ୍ତ ମଜ୍ଜା, ସ୍ନାୟୁ ଗ୍ରନ୍ଥିରେ ପ୍ରବାହିତ ହେଉଛି । ଏହି ଧରଣର ପ୍ରଥା ସେମାନଙ୍କ ଜ୍ଞାତସାରରେ ଅଭ୍ୟାସ ହୋଇଯାଇଛି । ଏହି ଅନୁଭୂତି ଗୁଡ଼ିକ ସଙ୍ଗୀତ, ସିନେମା, ନାଟକ, ସିରିଏଲ୍, ଲୋକକାହାଣୀରୁ ଅନୁସୃତ ହୋଇ ଝିଅମାନଙ୍କୁ ଏହି ଧରଣର ଚିନ୍ତା ଭାବନା ତଥା ମାନସିକତା ମଧ୍ୟରେ ଆବଦ୍ଧ କରି ରଖାଯିବାର ମନସ୍ତାତ୍ତ୍ୱିକ ସ୍ଥରରେ ଏକ କୌଶଳାତ୍ମକ ପ୍ରୟାସ କରାଯାଇଥାଏ ।

ପ୍ରାଚୀନ ଭାରତରେ ନାରୀର ସ୍ଥାନ ବହୁ ଉର୍ଦ୍ଧ୍ୱରେ ଥିଲା ଏବଂ ପବିତ୍ର ଗ୍ରନ୍ଥ ଗୀତା, ବେଦ, ଉପନିଷଦ ଓ ପୁରାଣମାନଙ୍କରେ ନାରୀକୁ ମା'ଏବଂ ଦେବୀ ଆସନରେ ଦେଖିବାକୁ ମିଳୁଥିଲା । ମନୁସ୍ମୃତିରେ ଉଲ୍ଲେଖ ଅଛି, ସଂସାରେ ନାରୀ ହିଁ ସର୍ବାଗ୍ରେ ପ୍ରାଣୀ । ନାରୀଟିଏ ତାର ଆଦ୍ୟ ଜୀବନରେ ପିତ୍ରାଳୟରେ ସୁରକ୍ଷିତ ହୋଇ ରହିବା ପରେ ବିବାହ ପରେ ସ୍ୱାମୀ ଦ୍ୱାରା ସାରାଜୀବନ ସୁରକ୍ଷିତ ହୋଇ ରହିଥାଏ । ଏହା ପରେ ପୁତ୍ର ତାକୁ ସୁରକ୍ଷା ଦେଇଥାଏ । ମାତ୍ର ପରବର୍ତ୍ତୀ ସମୟରେ ସମାଜରେ ବାହୁବଳ, ଧନବଳ ବ୍ୟଭିଚାର, ବିଦ୍ୱେଷ, ଅତ୍ୟାଚାର ବଢ଼ିଚାଲିବରୁ ନାରୀମାନେ କ୍ରମଶଃ ମାନସିକସ୍ଥରରେ ଦୁର୍ବଳ ହେଲେ । ଶିଳ୍ପ, ଶସ୍ୟଉତ୍ପାଦନ, ଯୁଦ୍ଧକ୍ଷେତ୍ର, ରାଜନୀତି ଇତ୍ୟାଦି ଅନେକ କ୍ଷେତ୍ରରେ ପୁରୁଷମାନେ ନାରୀମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ବିବେଚିତ ହେଲେ । ବୈଦିକ ଯୁଗରେ କନ୍ୟାର ଲାଳନ ପାଳନ ଭାର ଖୁବ୍ ଉଚ୍ଚକୋଟୀର ଥିଲା । ସେମାନେ ଶିକ୍ଷାର ସମସ୍ତ ପ୍ରକାର ସୁଯୋଗ ପାଇପାରୁଥିଲେ । ବିଧବା ବିବାହ ପ୍ରଚଳନରେ କୌଣସି ବାଧାବିଘ୍ନ ନଥିଲା, କିନ୍ତୁ, ପରବର୍ତ୍ତୀ ସମୟରେ କନ୍ୟାମାନେ ବିଷାଦର ପ୍ରତିମୂର୍ତ୍ତି ରୂପେ ପ୍ରତୀୟମାନ ହେଲେ । ଏହି ସମୟରେ ଏକାଧିକ ପତ୍ନୀ ଗ୍ରହଣ ପ୍ରଥା ସମାଜ ରେ ନାରୀମାନଙ୍କ ସ୍ଥାନର ଉତ୍କର୍ଷତାକୁ ହ୍ରାସ କରିବାରେ ଲାଗିଲା । ସେତିକି ବେଳେ ସେମାନଙ୍କୁ ଶିକ୍ଷା ଲାଭ କରିବା ନିମନ୍ତେ ବିଦ୍ୟାଳୟ ଯିବା ପାଇଁ ପଥରୋଧ କରାଗଲା । ଗୁପ୍ତ ଯୁଗରେ ସେମାନଙ୍କୁ କେବଳ ଧର୍ମଶାସ୍ତ୍ର ଶୁଣିବା ପାଇଁ ଅନୁମତି ଥିଲା । ମଧ୍ୟ ଯୁଗରେ ସତୀଦାହ ପ୍ରଥା, ଯୌତକୁ ପ୍ରଥା, ପର୍ଦ୍ଦା ପ୍ରଥା, ବହୁପତ୍ନୀ ପ୍ରଥାକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ନାରୀମାନେ ଗୃହକୁ ଏକ ଉପଯୁକ୍ତ ସ୍ଥାନ ବୋଲି ବିବେଚନା କଲେ । ଘରେ ତା'ର ପ୍ରଧାନ କର୍ତ୍ତବ୍ୟ ହେଲା ରୋଷେଇ କରିବା, ବାସନ ମାଜିବା, ଘର ଅଳିଆ ସଫା କରିବା, ଲୁଗାପଟା ସଫା କରିବା ସଙ୍ଗେ ଅନ୍ୟାନ୍ୟ ଘରକାମ କରିବା । ଏସବୁ ବ୍ୟତିତ ସେମାନେ ପିଲାପିଲିଙ୍କୁ ଜନ୍ମ ଦେଇ ସେମାନଙ୍କର ଯତ୍ନ ନେବା, ଲାଳନ ପାଳନ କରିବା କାର୍ଯ୍ୟ ତୁଲାଇବାରୁ ସମାଜରେ ସେମାନେ ଉପଯୁକ୍ତ ସ୍ଥାନରେ ଅଧିଷ୍ଠିତ ହେବାରୁ ବଞ୍ଚିତ ହେଲେ ।

ଆଜି କାଲ ବଦଳିଛି ଏବଂ ସମାଜରେ ବହୁ ପରିମାଣରେ ନାରୀ ଧର୍ଷଣ, ଯୌନ ଅପରାଧ, ବଳାତ୍କାର, ବେଶ୍ୟାଳୟ ଗମନ ପ୍ରଭୃତି ଅପ୍ରାକୃତିକ ଯୌନ ପରିଣତିରୁ ନାରୀର ଔଜଲ୍ୟ ଆଉ ପୂର୍ବ ପରି ନାହିଁ । ଏହି ସବୁ ସ୍ଥିତିରେ ନାରିମାନଙ୍କ ବିରୋଧରେ ଅପରାଧ ହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି । କେତେକ ସ୍ଥଳରେ ବିଧବାମାନଙ୍କୁ ବେଶ୍ୟାଗିରି କରିବାକୁ ବାଧ କରାଯାଉଛି ତ ଅନ୍ୟ କ୍ଷେତ୍ରରେ ଶ୍ରମସ୍ଥଳୀରେ ଶ୍ରମଜୀବୀ ମହିଳାଙ୍କ ପ୍ରତି ଯୌନ ନିର୍ଯ୍ୟାତନା ଏକ ସାଧାରଣ ସମସ୍ୟା ଭାବେ ଦେଖା ଦେଉଛି । ଏଣୁ ନାରୀ ଜାତି ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ଯେଉଁ ସ୍ୱର ଉତ୍ତୋଳନ କରିଛି ତାହା ଯଥାର୍ଥ । ସ୍ୱାମୀ ବିବେକାନନ୍ଦ କହିଥିଲେ 'It is impossible to think about welfare of the world unless the condition of woman is improved. It is impossible for a bird to fly on only one wing'. ଯେଉଁଠି ନାରୀର ଅଭବୃଦ୍ଧି ଘଟିନାହିଁ, ସେଠି ସମାଜ କୌଣସି ପ୍ରକାର ଅଭିବୃଦ୍ଧି ହାସଲ କରି ପାରିବ ନାହିଁ । ସମୟ ଆସିଛି ନାରୀମାନେ ଏକଜୁଟ୍ ହୋଇ ସେମାନଙ୍କ ଦାବି ହାସଲରେ ଆଗେଇ ଚାଲିବା ଉଚିତ୍ । ସେମାନେ ନିଜ ନିଜ ଆଦର୍ଶ ଭାବରେ ଲକ୍ଷ୍ମୀବାଈ, ଇନ୍ଦିରା ଗାନ୍ଧୀ, ବିଜୟଲକ୍ଷ୍ମୀ ପଣ୍ଡିତ, ସରୋଜିନି ନାଇଡୁ, କିରଣ ବେଦୀ, କଳ୍ପନା ଚାଓ୍ୱଲା, ପି.ଟି ଉଷା, ଲତା ମଙ୍ଗେସକର, ରୁକ୍ମିଣୀ ଅରୁଣ୍ଡଲେ, ଶ୍ରୀମା ଶାରଦା ଦେବୀ, ରମା ଦେବୀ, ସୁଷମା ସ୍ୱରାଜ ଏହିପରି ଆହୁରି ଅନେକଙ୍କ ପଦାଙ୍କ ଅନୁସରଣ କରିପାରନ୍ତି । ଆମ ଦେଶର ସମ୍ବିଧାନ ମହିଳାମାନଙ୍କୁ ସମାନ ଅଧିକାର ପ୍ରଦାନ କରିଛି । ସେମାନେ ପୁରୁଷମାନଙ୍କ ସହ ସମକକ୍ଷ ହୋଇ ସାମାଜିକ, ରାଜନୈତିକ ଏବଂ ଅର୍ଥନୀତିକ ଅଧିକାର ଉପଭୋଗ କରିପାରିବେ । ନାରୀଶିକ୍ଷାର ପ୍ରଚାର ଏବଂ ପ୍ରସାର ଦ୍ୱାରା ନାରୀ ନିର୍ଯ୍ୟାତନା ହ୍ରାସ ପାଇ ପାରିବ । ଏ ଦିଗରେ ବ୍ୟକ୍ତି, ଜାତି, ସମାଜ ଓ ସରକାର ସବୁବେଳେ ସଚେତନତା ସୃଷ୍ଟି କରିଚାଲିବା ଉଚିତ୍ । ଦେଶର ଶିକ୍ଷା ଚାକିରି କ୍ଷେତ୍ରରେ ନାରୀମାନଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ସଂସଦ ଏବଂ ବିଧାନ ପରିଷଦ ମାନଙ୍କରେ ନାରୀମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି ଏବଂ ତାହା କାର୍ଯ୍ୟକାରୀ ନହେଲେ ଆମେ ନାରୀ ସଶକ୍ତି କରଣ ଦିଗରେ ଆଉ ପାଦେ ଆଗେଇ ପାରିବା ନାହିଁ । ନାରୀମାନେ ଆଜିବି ଶତପ୍ରତିଶତ ଶିକ୍ଷିତ ହୋଇପାରି ନାହାନ୍ତି । ଗ୍ରାମାଞ୍ଚଳରେ ରହୁଥିବା ମହିଳାମାନେ ସେମାନଙ୍କର ଅଧିକାର ବାବଦରେ ସେତେ ସଚେତନ ନୁହନ୍ତି । ନାରୀମାନେ ଯଦି ପୁରୁଷଙ୍କ ଭଳିଆ ସ୍ୱାଧୀନତା ପାଇପାରିବେ ତେବେ ସେମାନେ ନିଜ ଗୋଡ଼ରେ ଛିଡ଼ା ହୋଇପାରିବା ସହିତ ସ୍ୱାବଲମ୍ବୀ ହୋଇ ପାରିବେ । ସେମାନେ ମଧ୍ୟ ପୁରୁଷଙ୍କ ଭଳି ସମସ୍ତ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିପାରିବେ । ନାରୀମାନେ ନିଜର ହକ୍ ଗଣତାନ୍ତ୍ରିକ ପ୍ରକ୍ରିୟା ମଧ୍ୟରେ ମାଗିବା ଦରକାର ଯାହା ଫଳରେ ସେମାନଙ୍କୁ ସାମାଜିକ, ଅର୍ଥନୈତିକ, ରାଜନୈତିକ ସ୍ୱାଧିନତା ମିଳିବା ଅତ୍ୟନ୍ତ ସହଜ ହୋଇ ପାରିବ । ନାରୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିଲେ ରଷ୍ଟ୍ର ଓ ସମାଜର ଉନ୍ନତି ହୋଇ ପାରିବ । ନାରୀମାନଙ୍କୁ ବାଧ୍ୟତାମୂଳକ ଶିକ୍ଷା ଓ ସାମାଜିକ ସ୍ୱାଧିନତା ସମ୍ପୁର୍ଣ୍ଣ ଭାବରେ ମିଳିବା ଉଚିତ୍ ।

*

- ନୂଆପଡା, ଲେବର କଲୋନୀ, କଟକ
ମୋ: ୯୮୬୧୫୬୭୫୦୮୮

# ପ୍ରକୃତି ବନ୍ଧୁ



**ଦିପ୍ରାଂଶୁ ପ୍ରଧାନ**

ଆଖିର ଲୁହ ଠୁ ମନର କୋହ ଯେ, ବହୁତ କଷ୍ଟ ଦୟାକ ତାହା ପରିସ୍ଫୁଟିତ ହେଉଥିଲା ମିହିର ବାବୁଙ୍କ ନିଃଶବ୍ଦ ମୁଖମଣ୍ଡଳରୁ । ବହୁତ କିଛି କହିବାକୁ ଚାହିଁ ମଧ୍ୟ ଗୋଟିଏ ବି ଶବ୍ଦ ବାହାରି ନଥିଲା ତାଙ୍କ ଦୁଇ ଓଠ ମଧ୍ୟରୁ । ଏପରି ଲାଗୁଥିଲା ଯେମିତି ତାଙ୍କ ଶରୀରର ଗୋଟିଏ ଗୋଟିଏ ଅଙ୍ଗ ଅଲଗା କରାଯାଉଛି । ହୁଏତ ଏପରି କଳ୍ପନା କେବେ ମଧ୍ୟ କରି ନଥିଲେ କି ଏପରି ମଧ୍ୟ ଦିନ ଆସିବ ଆଉ ତାଙ୍କ ସମ୍ମୁଖରେ ଥିବା ସବୁଜିମା ପବନ ପ୍ରାୟ କ୍ଷଣକ ମଧ୍ୟରେ ଉଭେଇ ଯିବ । ହିସ ଖେଳି ବଢ଼ି ଚାଲିଥିବା ବୃକ୍ଷରାଜି ହଠାତ୍ ଆଜି ଦିନେ ପଥର ପ୍ରାୟ ଶୋଇ ଯିବ ।

ମିହିର ବାବୁ ଜଣେ ପରିବେଶ ବିଜ୍ଞାନୀ ହୋଇ ଥିବାରୁ ପ୍ରକୃତି ପ୍ରତି ତାଙ୍କର ଅପାର ଶ୍ରଦ୍ଧା ଓ ସ୍ନେହ । ଏମିତି ଲାଗେ ଯେମିତି ପ୍ରକୃତି କୋଳରେ ବଢୁଥିବା ଛୋଟ କୀଟପତଙ୍ଗ ଠୁ ଆରମ୍ଭ କରି ଦ୍ରୁମ ମହାଦ୍ରୁମ ସମସ୍ତେ ତାଙ୍କ ପରିବାରର ସଦସ୍ୟ । ପ୍ରକୃତିର ସେବାରେ ସେ ଗୋଟେ ବି ସୁଯୋଗ ହାତଛଡ଼ା କରନ୍ତି ନାହିଁ । ଘରୁ ଗୋଡ଼ କାଢ଼ିବା ମାତ୍ରେ ପାଖରେ ଥିବା ସମସ୍ତ ଗଛଲତାଙ୍କୁ ଆଖିବୁଲେଇ ଆଣନ୍ତି ଆଉ ମନରେ ସ୍ମିତହାସ୍ୟ ଦେଇ ନିଜ କାମରେ ବାହାରି ଯାହାନ୍ତି । ସେ ପେଷାରେ ଜଣେ ପ୍ରାଧ୍ୟାପକ ହେଲେ ମଧ୍ୟ ନିଜର ବ୍ୟସ୍ତ ବହୁଳ ଜୀବନରୁ ସମୟ କାଢ଼ ନିଜ ସରକାରୀ ବଙ୍ଗଳାର ଅଗଣାରେ ଥିବା ବୃକ୍ଷମାନଙ୍କ ସହ ଗୁଣୁଗୁଣୁ ହୋଇ କଥା ହେଉଥାନ୍ତି ।, ଏମିତି ଲାଗେ ବୃକ୍ଷଗୁଡ଼ିକ ମଧ୍ୟ ତାଙ୍କ ସ୍ନେହର ମୋହରେ ଚୁପଚାପ ତାଙ୍କ କଥା ଶୁଣୁଥାନ୍ତି । ହଠାତ୍ ଦିନେ ସେ ସ୍ୱପ୍ନରେ ଦେଖିଲେ ଯେ, ସେ ଗଛମାନେ ଲୁହଭରା ଆଖିରେ ଆସି ତାଙ୍କ ଘରର କବାଟ ପାଖରେ କାନ୍ଦୁଛନ୍ତି ଆଉ କବାଟ ବାଡେଇ ତାଙ୍କୁ ବଞ୍ଚେଇବା ପାଇଁ ଆକୁଳ ବିନତି କରୁଛନ୍ତି । ଏତିକିରେ ବିଳିବିଳେଇ ହୋଇ ହଠାତ ଉଠିପଡ଼ିଲେ ମିହିର ବ୍ବା, ସମୟ ଦେଖିଲେ ରାତି ପାହିବାକୁ ଆଉ ଦଇଘଡ଼ି ବାକି ଅଛି । ତାଙ୍କ ପତ୍ନୀ ଉଠି ପଡ଼ି ପଚାରିଲେ, କଣ ହେଲା କିଛି ସ୍ୱପ୍ନ ଦେଖିଲ କି ? କିଛି





ନକହି କବାଟ ଖୋଲି ବାହାରକୁ ଚାହିଁଲେ ମିହିରବାବୁ, ସବୁ କିଛି ଶୁନଶାନ ଆଉ ଶାନ୍ତ । ଆଉଥରେ ଖଟକୁ ଗଲେ ହେଲେ ଆଉ ତାଙ୍କୁ ନିଦ ହେଲାନାହିଁ । ସକାଳୁ ଉଠି ସୁବଦିନ ଭଳି ନିଜ କାମକୁ ବାହାରିଗଲେ ସେ, ହେଲେ ମନରେ ତାଙ୍କର ହସର ସ୍ଥାନ ଗ୍ରହଣ କରିସାରିଥିଲା ଅସୁମାରୀ ଆଶଙ୍କା । ସେଦିନ କାମସାରି ଫେରିଲାବେଳେ ଦେଖିଲେ ସତରେ ସେ ଗଛମାନେ ଆଉ ନାହାନ୍ତି । ନିଜ ଆଖିକୁ ବିଶ୍ୱସ କରିପାରୁନଥିଲେ ମିହିର ବାବୁ । ସେଇଠି ସ୍ତବ୍ଧ ହୋଇ ଛିଡା ହୋଇଗଲେ ଗୋଟିଏ ଶୁଖିଲା ଗଛପରି । ସବୁକିଛି ବନ୍ଦ କରିବାକୁ ଇଚ୍ଛା ଥିଲେ ମଧ୍ୟ ସେ ନିଃସହାୟ । କାରଣ ଏହା ଉଚ୍ଚପଦସ୍ଥ ଅଧିକାରୀଙ୍କ ଇଙ୍ଗିତରେ ହିଁ ହେଉଥିଲା । ଯାହାଙ୍କ ସାମ୍ନାରେ ମିହିର ବାବୁଙ୍କ ଉପଦେଶର କିଛି ବି ମୂଲ୍ୟ ନଥିଲା । ଏମିତି ଲାଗୁଥିଲା ଯେମିତି ତାଙ୍କ ଦୁଃସ୍ୱପ୍ନ ନିଜ ଆଖି ସାମ୍ନାରେ ସତ ହୋଇ ଚାଲିଥିଲା । ସତେ ଯେମିତି ସେ ବୃକ୍ଷମାନେ ଲୁହଭରା ଆଖିରେ ଚାହିଁ ପ୍ରଶ୍ନ କରୁଥିଲେ ଆମେ କ'ଣ ତୁମର କେହି ନୁହେଁ ? ନିଜ ଜୀବନରେ ବନ୍ଧୁ ହୋଇ ରହିଥିବା ଏକ ମୂକ ସାଥିମାନଙ୍କୁ କ'ଣ ବା ଉତ୍ତର ଦେଇଥାନ୍ତେ ସେ । ଚାହୁଁ ଚାହୁଁ ତାଙ୍କ ଆଖି ସାମ୍ନାରେ ବହୁତ ଜୀବନ ପ୍ରାଣ ହୀନ ହୋଇଗଲା । ସବୁଜ ରଙ୍ଗର ଚାଦରେ ଘୋଡେଇ ହୋଇ ରହିଥିବା ତୃଣ ଭୂମି ମୁହୂର୍ତ୍ତକରେ ମରୁଭୂମିରେ ପରିଣତ ହୋଇଗଲା । କ୍ରୋଧ ଓ ଦୁଃଖ ମିଶା ମୁହୂର୍ତ୍ତରେ ହଜି ଯାଇଥିବା ଜଣେ ପ୍ରକୃତିର ପ୍ରକୃତ ବନ୍ଧୁ ନିଜ ମନକୁ ବାରମ୍ବାର ପ୍ରଶ୍ନ କରିଚାଲିଥିଲେ । ନିଜ ପରିବାରର ରକ୍ଷା ପାଇଁ ଏତେ ଗୁଡ଼ିଏ ପରିବାରର ବଳିଦାନ କ'ଣ ନିହାତି ଦରକାର ? ଶେଷରେ ପାଖରେ ଥିବା ଅଧିକାରୀଙ୍କୁ ଗୋଟିଏ ପ୍ରଶ୍ନ କରିଥିଲେ 'ଆମେ କ'ଣ ଏମାନଙ୍କୁ ଆଉ ଥରେ ଫେରି ପାଇବା ???

*

ଠିକଣା : ଅନୁଗୋଳ, ମୋବାଇଲ ନମ୍ବର: ୮୦୧୮୮୫୦୪୫୬

## କବିତା ଗୁଚ୍ଛ

# ବାସନ୍ତୀ ପ୍ରୀୟା



**ସମୀର କୁମାର ଜେନା**

ଆମ୍ବ ବଉଳର ମହୁଲି ବାସରେ
ପହିଲି ବସନ୍ତ ନହୁଲି ହସରେ
ପ୍ରୀୟା ପଠାଇଛି ଭରା ସୁହାଗରେ
ମହଳ ହାତରେ ଚିଠି,
ଉତ୍ତରା ପବନ ଦକ୍ଷୀଣା ମୋଡ଼ିଛି
ଝରା ପତରେ ସେ ଚିଟାଉ ଲେଖିଛି
ବାର ବାର କରି ତା' ଚିଠି ପଢୁଛି
ପ୍ରୀୟା ମୋର ମଧୁମତି ।
ବଉଳ ଫୁଲର ଭରା ମହକରେ
ଚହଟ ଚାନ୍ଦିନୀ ରାତିର ଛାତିରେ
ସପନ ହଜିଛି ଗୋପନ ପ୍ରୀତିରେ
ନିଦ ହଜେଇଛି ଆଖି,
କଁଅଳ ଶୀତର ଭରା ଆବେଗରେ
ପତ୍ର ମର୍ମରର ବିରହ ଗୀତରେ
ପ୍ରୀୟା ମୋ ଝୁରୁଛି ଚକୋରୀ ଲୁହରେ
ସାକ୍ଷୀ ଏ ବାସନ୍ତୀ ରାତି ।
ଭସା ବାଦଲର ମୁରୁକି ହସରେ
ଜହ୍ନ ଜୋଛନାର ଭରା ରୋଷଣୀରେ
ରାତି ଚାହିଁଅଛି ତାରାଙ୍କ ଆଖିରେ
ଆକାଶର ଅଗଣାରେ,
ପ୍ରୀୟା ବସିଅଛି ବାତାୟନ ଦ୍ୱାରେ
ମନ ହଜେଇକି ପ୍ରୀତି ପାରାବାରେ
ଚିବୁକ ଭିଜେଡା କଜଳ ଲୁହରେ
ହୃଦଜଳେ ଯାତନାରେ ।

ସକାଳ କୁହୁଡ଼ି ଏବେ ବି ଅଫେରା
ଫଗୁଣ ପିନ୍ଧିଛି ଫୁଲର ଗଜରା
ବସନ୍ତକୁ ମନ ଭେଟିବାକୁ ପରା
ମିଳନ ବାସନା ନେଇ,
ଋତୁ ଯାଉଅଛି ଋତୁବି ଆସୁଛି
ହେଲେ ଏ ବସନ୍ତ ଦାଉ ସାଧୁଅଛି
ନିରିମାଖି ପ୍ରୀୟା କି ଦୋଷ କରିଛି
କାହିଁ ଜଳିମରେ ସେହି ।
ବାର ବାର ତାର ଚିଠି ମୁଁ ପଢୁଛି
ଧାର ଧାର ଲୁହ ଆଖିରୁ ଝରୁଛି
ଲାଜୁଆ ମୁହଁଟା ଭାସି ଉଠୁଅଛି
ରାତିର ଛାତିକୁ ଚିରି,
ତା' ଦେହରୁ ବାସ୍ନା ଦକ୍ଷୀଣା ଆଣିଛି
ତା ତନୁର ଜୋସ୍ନା ଜହ୍ନରୁ ଝରୁଛି
ଅଳୀଅଳି ପ୍ରୀୟା ପାଇଁ ।
ମନ ମରାଳତୁ ମରୁତ ଦୋଳାରେ
ଉଡ଼ିଯା ମୋ ପ୍ରୀୟ ସପନ ନଅରେ
କହିବୁ ତାର ସେ ଝରକା ଫାଙ୍କରେ
ନୟନରୁ ପୋଛି ନୀର,
ପରବାସୁ ମୁହଁ ଫେରୁଛି ତା'ପାଶେ
ଫଗୁଝରା ଏଇ ଫଗୁଣର ମାସେ
ହଜିବୁ ଭିଜିବୁ ବସନ୍ତର ରାସେ
ବୋଳି ରଙ୍ଗ ଅବିରର ।

ସିଡିଏ ସେକ୍ଟର-୧୧, କଟକ

## ସ୍ୱାସ୍ଥ୍ୟ ସମ୍ପଦ

### ଖରା ଦିନ ପାଇଁ ଉପଯୋଗୀ ଖାଦ୍ୟ

ସ୍ୱଚ୍ଛ ରୁହନ୍ତୁ ସୁସ୍ଥ ରୁହନ୍ତୁ

ଏବେ ଖରା ଦିନ । ଆଗକୁ ଖରା ଆହୁରି ବଢ଼ିବ । ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ମଧ୍ୟ ଅନୁଭବ । ଏଭଳି ସ୍ଥିତିରେ ଗରମରୁ ବଞ୍ଚିବା ପାଇଁ ନିଜ ଶରୀରକୁ ପ୍ରାକୃତିକ ରୂପେ ଥଣ୍ଡା ରଖିବା ଉଚିତ । ପ୍ରଚୁର ପାଣି ପିଇବା ସହ ନିଜ ଡାଏଟେରେ ବିଶେଷ ଖାଦ୍ୟ ପଦାର୍ଥ ମଧ୍ୟ ସାମିଲ କରିବା ଉଚିତ, ଯାହା ଆଣପଙ୍କ ଶରୀରକୁ ଥଣ୍ଡା ରଖିବାରେ ସହାୟକ ହୋଇପାରିବ । ଏଭଳି ଅନେକ ଫଳ ପନିପରିବା ରହିଛି ଯାହାକୁ ଖାଇବା ଦ୍ୱାରା ଶରୀର ଥଣ୍ଡା ରୁହେ । ପିଆଜ ମଧ୍ୟ ସେଥି ମଧ୍ୟରୁ ଗୋଟିଏ । ଗରମ ଦିନେ ପିଆଜକୁ କିଭଳି ଖାଇବେ ଜାଣନ୍ତୁ ।

- ପିଆଜରେ ଆଇରନ୍, ଆଣ୍ଟି ଅକ୍ସିଡେଣ୍ଟ, ଭିଟାମିନ ଏବଂ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି । ତେଣୁ ଆପଣ ଚାହିଁଲେ ଏହାକୁ କଞ୍ଚାରେ କିମ୍ବା ସାଲାଡ କରି ଖାଇପାରିବେ । ଏଥିରେ ଭିଟାମିନ-ସି ଏବଂ ଭିଟାମିନ-ବି ରହିଛି । ଗରମ ଦିନେ ନିଜକୁ ଥଣ୍ଡା ରଖିବା ପାଇଁ ନିଜ ଡାଏଟ୍ରେ ପିଆଜକୁ ନିଶ୍ଚିତ ରୂପେ ସାମିଲ କରନ୍ତୁ ।

- ଗରମ ଦିନେ ପିଆଜର ଲୋକପ୍ରିୟତା ଢ଼େର ରହିଛି । ଘରେ ଘରେ ଲୋକେ ପିଆଜ ଖାଇବା ପାଇଁ ପସନ୍ଦ କରନ୍ତି । ପିଆଜ ଖାଇବା ଦ୍ୱାରା ଶରୀର ଥଣ୍ଡା ରୁହେ ବୋଲି ବିଶେଷଜ୍ଞମାନେ ମଧ୍ୟ ମତ ଦିଅନ୍ତି । ଶରୀରର ତାପମାତ୍ରା କମ୍ କରିବାରେ ଏହା ସହାୟକ ହୁଏ । ଯଦି ଆପଣ ପିଆଜକୁ ସାଲାଡ ରୂପେ ବ୍ୟବହାର କରୁଛନ୍ତି ତେବେ ଏହାର ସ୍ୱାଦ ବଢ଼ାଇବା ପାଇଁ ଏଥିରେ ଅଳ୍ପ ଲେମ୍ବୁ ରସ ପକାଇ ମଧ୍ୟ ଖାଇପାରିବେ ।

- କେବଳ ସାଧାରଣ ନୁହେଁ ଡାଇବେଟସି ରୋଗୀଙ୍କ ପାଇଁ ମଧ୍ୟ ବେଶ୍ ଲାଭଦାୟୀ ପିଆଜ । ଡାଇବେଟିସ ରୋଗୀମାନେ ନିଜ ଡାଏଟ୍ରେ ସର୍ବଦା ପିଆଜ ସାମିଲ କରିବା ଉଚିତ । ପିଆଜରେ କମ୍ କାର୍ବୋହାଇଡ୍ରେଟ ଏବଂ ଅଧିକ ଫାଇଭର ରହିଛି, ଯାହା ଡାଇବେଟିସ ରୋଗୀଙ୍କ ପାଇଁ ବେଶ ଉପକାରୀ ।

- ଫାଇବର ଏବଂ ପ୍ରିବାୟୋଟିକରେ ଭରପୁର ପିଆଜ ଅନ୍ତନଳୀ ପାଇଁ ମଧ୍ୟ ବେଶ ଲାଭଦାୟୀ । ପିଆଜ ଖାଇବା ଦ୍ୱାରା ଆମ ପାଚନ ତନ୍ତ୍ର ସୁସ୍ଥ ରହେ ଏବଂ ଏହା ଭଲ ଭାବେ କାମ କରେ । ଫଳରେ ହଜମ ଶକ୍ତି ବଢ଼ିଥାଏ । କେବଳ ସେତିକି ନୁହେଁ କୋଲେଷ୍ଟ୍ରୋଲ ସ୍ତର ମଧ୍ୟ ନିୟନ୍ତ୍ରଣରେ ରହେ ।

ସ୍ୱଚ୍ଛ ରୁହନ୍ତୁ ସୁସ୍ଥ ରୁହନ୍ତୁ








# ନାଚଗୀତରେ ଶେଷ ହେଲା ଆଦିବାସୀ ପର୍ବ ବାହାବଙ୍ଗା



**କଟକ(ଏନ୍.ଏମ୍.):** ସ୍ଥାନୀୟ ଜଗତପୁର ବାଲିସାହି ଆଦିବାସୀ ବସ୍ତି ଠାରେ କୋଭିଡ ନିୟମ ଅନୁପାଳନ କରାଯାଇ ଆଦିବାସୀଙ୍କର ମହାନ 'ବାହାବଙ୍ଗା' ପର୍ବ ପାରମ୍ପରିକ ଭାବେ ପାଳିତ ହୋଇଯାଇଛି। ଏହି ପର୍ବଟି ଜଙ୍ଗଲରେ ବିଭିନ୍ନ ଫଳଗଛ ମାନଙ୍କରେ ଫଳ ଫୁଲ ଧରିବା ଖୁସିରେ ପାଳନ କରାଯାଇଥାଏ। ଆଦିବାସୀ ପରମ୍ପରାନୁଯାୟୀ ସକାଳୁ ସକାଳୁ ଜାହେର ଗାଡ଼ (ପୂଜାସ୍ଥଳୀ)ରେ ମାରାଙ୍ଗବୁରୁଃ, ଜାହେର ଆୟଃ, ମଣେକ ତୁରୁୟକୋ ଆଦି ଦେବତାମାନଙ୍କୁ ନାୟକେ (ପୂଜକ)ଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମାଝୀ ହାଡାମ, ଜଗ, ପରାଇନିମାନେ ପୂଜା ଅର୍ଚ୍ଚନା କରି ଫଳ, ଫୁଲ, ସଶ୍ୟ ଇତ୍ୟାଦିର ସୁରକ୍ଷା ପାଇଁ ଗୁହାରି କରିଥିଲେ। ଏହି ଅବସରରେ ଅପରାହ୍ନରେ ପର୍ବର ମୁଖ୍ୟ ଆକର୍ଷଣ ଡାବୁଲ ତାମସାର ଆୟୋଜନ ହୋଇଥିଲା। ଯେଉଁଥିରେ ଆଦିବାସୀ ମହିଳା ଏବଂ ପୁରୁଷମାନେ ପାରମ୍ପରିକ ଭେଷ ପୋଷାକ ଯଥା, କାଛା, ପେଣେ, ଲୁଗୁଡି, ଶାଢ଼ୀ ଆଦି ପିନ୍ଧି ଢାକ, ଟାମାକ, ତୁମଦା, କରତାଲ, ଚଡଚଡ଼ି, ଢୋଲ, ନେପୁର, ଘଣ୍ଟର ତାଳେ ତାଳେ ସମୂହ ଭାବେ ନୃତ୍ୟ କରିବା ଦୃଶ୍ୟ ଅତି ଚମତ୍କାର ଥିଲା। ଏଥିରେ ଅଖିଳ ଓଡ଼ିଶା ଆଦିବାସୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ବୃନ୍ଦାବନ ଦାସ ଆଜାଦ ମୁଖ୍ୟଅତିଥି ଏବଂ ଜଗତପୁର ବିଶିଷ୍ଟ ସମାଜସେବୀ ଅଲେଖ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଦେବାନନ୍ଦ ସିଂହ, ମେଘରାୟ ସୋରେନ, ବାବୁଲା ହାଁସଦା, ଶ୍ୟାମ ସୁନ୍ଦର ମାରାଣ୍ଡି, ରାମଚନ୍ଦ୍ର ସୋରେନ, ଦୁର୍ଗା ମାରାଣ୍ଡି, ଭଗଲା ହେମ୍ବ୍ରମ, ମୋହନ ଟୁଡୁ, ଭୁଜୁ ମାରାଣ୍ଡି, ଦିବାକର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ସରକାରୀ ହାଇସ୍କୁଲ ବନ୍ଦ ଓ ମିଶ୍ରଣ ନୀତିକୁ ଏ.ଆଇ.ଡି.ଏସ୍.ଓ.ର ବିରୋଧ

**ଭୁବନେଶ୍ୱର(ଏନ୍.ଏମ୍.):** ରାଜ୍ୟ ସରକାର ରାଜ୍ୟର ୧୪୩୭୯ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରିବା ନିଷ୍ପତ୍ତି ନେବାପରେ ଏବେ ପୁଣିଥରେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ନୂତନ ଅନୁଦାନ ପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ମାଦ୍ରାସ ଓ ସଂସ୍କୃତ ଟୋଲ ଗୁଡ଼ିକୁ କ୍ଲୋଜର ମର୍ଜର ଓ ରେସ୍‌ନାଲାଇଜେସନ୍ ଅର୍ଥାତ୍ ବନ୍ଦ, ମିଶ୍ରଣ, ପୁର୍ନଗଠନ ନୀତି ଆପଣେଇ ସ୍କୁଲଗୁଡ଼ିକୁ ବନ୍ଦ କରିବାର ଉଦ୍ୟମ ଆରମ୍ଭ କରିଛନ୍ତି। ଯାହାଫଳରେ ରାଜ୍ୟର ପ୍ରାୟ ୧୩୫୦ଟି ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଓ ୩୬୯୫ଟି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଅର୍ଥାତ୍ ୫୦୪୫ ବିଦ୍ୟାଳୟ କ୍ଷତିଗ୍ରସ୍ତ ହେବ। ପ୍ରାୟ ଏକ ହଜାରରୁ ଅଧିକ ହାଇସ୍କୁଲ ବନ୍ଦ ହେବ ସରକାରଙ୍କ ଏହି ଶିକ୍ଷା ସଙ୍କୋଚନ ନୀତିକୁ ଏଆଇଡିଏସ୍‌ଓ ଦୃଢ଼ ବିରୋଧ କରୁଛି ବୋଲି ଏଆଇଡିଏସ୍‌ଓର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଏବଂ ସମ୍ପାଦକ ସୁବାଷ ନାୟକ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

ସୂଚନା ଯୋଗ୍ୟ ଯେ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ପିଲା ସଂଖ୍ୟା କମ ହେବା, ପରୀକ୍ଷା ଫଳ ଖରାପ ହେବା, ଭିତ୍ତିଭୂମିର ଅଭାବ ଆଦିକୁ ଭିତ୍ତିକରି ଅନୁଦାନଭୁକ୍ତ ବିଦ୍ୟାଳୟଗୁଡ଼ିକୁ ବନ୍ଦ ଓ ମିଶ୍ରଣ କରିବା ନିମିତ୍ତ ଏକ ଚିଠା ପ୍ରସ୍ତାବ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇଛନ୍ତି। ଗୋଟିଏ ବର୍ଷ ପରୀକ୍ଷାଫଳ ଖରାପ ହେଲେ କିମ୍ବା ପିଲା ସଂଖ୍ୟା ହ୍ରାସ ପାଇଲେ ସ୍କୁଲଗୁଡ଼ିକ ବନ୍ଦ କରି ବିଦ୍ୟାଳୟର ଶିକ୍ଷକ, କର୍ମଚାରୀଙ୍କୁ କେବଳ ସେହି ବର୍ଗରେ ଖାଲିଥିବା ସ୍ଥାନରେ ଅବସ୍ଥାପିତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ବାସ୍ତବରେ ପିଲା ସଂଖ୍ୟା ହ୍ରାସ ହେବା ପରୀକ୍ଷା ଫଳ ଖରାପ ହେବା, ଭିତ୍ତିଭୂମିର ଅଭାବ ପାଇଁ ସରକାରୀ ସ୍କୁଲ ବନ୍ଦ କରିବା କେତେଦୂର ଯୁକ୍ତିଯୁକ୍ତ। ଏସବୁ ପାଇଁ ମଧ୍ୟ ସରକାର ଦାୟୀ। ସରକାର କ୍ରମାଗତଭାବେ ସରକାରୀ ହାଇସ୍କୁଲ ଗୁଡ଼ିକୁ ଅବହେଳା କରି ଘରୋଇ ସ୍କୁଲକୁ ପ୍ରୋତ୍ସାହିତ କରିଆସୁଛନ୍ତି। ଆଜି ସ୍କୁଲଗୁଡ଼ିକରେ ହଜାର ହଜାର ଶିକ୍ଷକ ପଦବୀ ଖାଲି ପଡ଼ିଛି, ଯେଉଁ ଅଳ୍ପ ଶିକ୍ଷକମାନେ ଅଛନ୍ତି ସେମାନଙ୍କୁ ପାଠପଢ଼ା ବ୍ୟତୀତ ଅନ୍ୟାନ୍ୟ ବହୁ ସରକାରୀ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଫଳତଃ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଘୋର ବାଧାପ୍ରାପ୍ତ ହେଉଛି। ସରକାର ହାଇସ୍କୁଲ ଗୁଡ଼ିକ ଭିତ୍ତିଭୂମିର ବିକାଶ କରିବା, ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା କିପରି ବୃଦ୍ଧି ହେବ, ପାସହାର ବଢ଼ିବ ଏସବୁ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନଦେଇ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସଙ୍କୁଚିତ କରିବା ପାଇଁ ସରକାରୀ ସ୍କୁଲଗୁଡ଼ିକ ବିଭିନ୍ନ ବାହାନା ଦେଖାଇ ବନ୍ଦ କରିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। କେନ୍ଦ୍ର ସରକାରଙ୍କ ଶିକ୍ଷା ଅଧିକାର ଆଇନ୍ ଫଳରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ ଫେଲ ବ୍ୟବସ୍ଥା ନାହିଁ। ଯାହା ଛାତ୍ରଛାତ୍ରୀଙ୍କ ମୂଳଦୁଆକୁ ଧ୍ୱଂସ କରି ଦେଇଛି। ଯାହାର ପରିଣତରେ ପିଲାଙ୍କ ପାସହାର କମୁଛି। ଏହାଫଳରେ ସରକାରୀ ସ୍କୁଲ ବନ୍ଦ ହୋଇଯାଉଛି। ଗରିବ ଘରର, ମଧ୍ୟବିତ୍ତ ଘରର ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେବାସହ ବିଏଡ୍, ସିଟି ପାସ୍ କରିଥିବା ହଜାର ହଜାର ଆଶାୟୀ ପ୍ରତ୍ୟାଶୀଙ୍କ ଚାକିରୀର ସୁଯୋଗରୁ ବଞ୍ଚିତ ହେବେ। ଶିକ୍ଷକ କର୍ମଚାରୀମାନେ ଚାକିରୀ ହରାଇବେ। ତେଣୁ ରାଜ୍ୟ ସରକାରଙ୍କ ଶିକ୍ଷା ସଂକୋଚନ, ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣର ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ ଗଢିତୋଳିବା ପାଇଁ ରାଜ୍ୟର ଛାତ୍ରଛାତ୍ରୀ, ଅଭିଭାବକମାନଙ୍କୁ ଏଆଇଡିଏସ୍‌ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଏବଂ ସମ୍ପାଦକ ସୁବାଷ ନାୟକ ଆହ୍ୱାନ ଦେଇଛନ୍ତି।

# ବିଧାନସଭାରେ ଆଗତ ହେଲା ସଂରକ୍ଷଣ ସଂକଳ୍ପ



**ଭୁବନେଶ୍ୱର(ଏନ୍.ଏମ୍.):** ଡାକ୍ତରୀ ଓ ଇଂଜିନିଅରିଂ ଶିକ୍ଷା କ୍ଷେତ୍ରରେ ସରକାରୀ ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ ଦେବାକୁ ବିଧାନସଭାରେ ସଂକଳ୍ପ ପାରିତ ହୋଇଛି। ସରକାରୀ ହାଇସ୍କୁଲରେ ପଢ଼ିଥିବା ଛାତ୍ରଛାତ୍ରୀଙ୍କୁ ଡାକ୍ତରୀ ଓ ଇଂଜିନିଅରିଂ ପଢ଼ିବା କ୍ଷେତ୍ରରେ ୧୫ ପ୍ରତିଶତ ସଂରକ୍ଷଣ ଦିଆଯିବ। ହାଇ ପାୱାର କମିଟିର ସୁପାରିସ ଅନୁସାରେ ବିଧାନସଭାରେ ସଂକଳ୍ପ ଅଣାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ସଂକଳ୍ପ ବିଧାନସଭାରେ ଆଗତ କରିଥିଲେ। କିଛି ମାସ ପୂର୍ବରୁ ଏନେଇ ରାଜ୍ୟ ସରକାର ପ୍ରସ୍ତାବ ଆଣିଥିଲେ। ପ୍ରସ୍ତାବର ସମୀକ୍ଷା ପାଇଁ ହାଇପାୱାର କମିଟି ଗଠନ କରାଯାଇଥିଲା। କମିଟିର ରିପୋର୍ଟ ଅନୁସାରେ ଏନେଇ ସଂକଳ୍ପ ଅଣାଯାଇଥିଲା। ବିଧାନସଭାରେ ଏହା ପାରିତ ହୋଇଛି। ସୂଚନାରୁ ପ୍ରକାଶ, ଦିନକୁ ଦିନ ରାଜ୍ୟରେ ସରକାରୀ ହାଇସ୍କୁଲରେ ପଢୁଥିବା ପିଲାମାନଙ୍କ ଉପସ୍ଥାନ କମିବାରେ ଲାଗିଛି। ଯାହାକୁ ନେଇ ଅଭିଭାବକ ଓ ଶିକ୍ଷାବିତଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଉଛି। ଏହାକୁ ଲକ୍ଷ୍ୟ କରି ରାଜ୍ୟ ସରକାର ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ସରକାରୀ ହାଇସ୍କୁଲରେ ପଢୁଥିବା ପିଲାମାନଙ୍କୁ ମେଡିକାଲ ଓ ଇଞ୍ଜିନିୟରିଂରେ ୧୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି।

# ଦୁର୍ନୀତିଗ୍ରସ୍ତ ଓ ଅପାରଗଙ୍କ ବିରୋଧରେ କଠୋର ଆଭିମୁଖ୍ୟ, ଆଉ ୪ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର (ଏନ୍.ଏମ୍.):** ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଧିକାରୀଙ୍କ ବିରୁଦ୍ଧରେ ରାଜ୍ୟ ସରକାରଙ୍କର କଠୋର ଆଭିମୁଖ୍ୟ ଜାରି ରହିଛି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୂନ୍ୟ ସହିଷ୍ଣୁତା ନୀତି ଅନୁସରଣ କରୁଛନ୍ତି। ସାଧାରଣ ଜୀବନରେ ସାଧୁତା ଓ ନୈତିକତା ବଜାୟ ରଖିବା ସହ ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଆଜି ୪ ଜଣ ଅଧିକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଦୁଇ ଜଣଙ୍କୁ ଚାକିରୀରୁ ବରଖାସ୍ତ କରାଯାଇଥିବା ବେଳେ ଆଉ ଦୁଇ ଜଣଙ୍କର ପେନ୍‌ସନ୍ ସଂକ୍ରାନ୍ତୀୟ ସୁବିଧାକୁ ସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଛି। ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାର ଖୁର୍ଦ୍ଧା ଜିଲ୍ଲାରେ କାର୍ଯ୍ୟରତ ତଥା ବଲାଙ୍ଗୀରର ଟିଟିଲାଗଡ ବ୍ଲକର ପୂର୍ବତନ ଏସଇଓ ବଳରାମ ସୁନା ଏବଂ ମହିଳା ଓ ଶିଶୁବିକାଶ ବିଭାଗର ଅନୁଗୁଳ ଜିଲ୍ଲା ଆଠମଲ୍ଲିକରେ କାର୍ଯ୍ୟରତ ପରିସଂଖ୍ୟାନ ସହକାରୀ ବସନ୍ତ କୁମାର ସାହୁଙ୍କୁ ଦୁର୍ନୀତି ଅଭିଯୋଗରେ ଚାକିରୀରୁ ବରଖାସ୍ତ କରାଯାଇଛି। ସେହିପରି ବିଇଡିର ପୂର୍ବତନ ଡିଜିଏମ୍ ଇଲେକ୍ଟ୍ରିକାଲ ଦାମୋଦର ଦାସ ଏବଂ ଅବସରପ୍ରାପ୍ତ ପୁଲିସ ଏଏସ୍?ଆଇ ଏମ୍.ଜଗନ୍ନାଥ ରାଓଙ୍କର ପେନ୍‌ସନ ଏବଂ ପେନ୍‌ସନ ଜନିତ ସୁବିଧାକୁ ସ୍ଥାୟୀ ଭାବରେ ବନ୍ଦ କରି ଦିଆଯାଇଛି। ଦୁର୍ନୀତି ଅଭିଯୋଗରେ ଏହି ଦୁଇ ଅଧିକାରୀ ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ଚାରି ଜଣ ଅଭିଯୁକ୍ତଙ୍କୁ ମିଶାଇ ଗତ ଏକ ବର୍ଷ ମଧ୍ୟରେ ଏପର୍ଯ୍ୟନ୍ତ ୧୧୭ଜଣ ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଧିକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ପିପିଲି ଉପନିର୍ବାଚନ ଲାଗି ବାଜିଲା ବିଗୁଲ
## ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ମାର୍ଚ୍ଚ ୩୦



**ଭୁବନେଶ୍ୱର (ଏନ୍.ଏମ୍.):** ପିପିଲି ଉପନିର୍ବାଚନ ଲାଗି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆଗାମୀ ଏପ୍ରିଲ ୧୭ ତାରିଖରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟଗ୍ରହଣ କରାଯିବ। ତେବେ ମାର୍ଚ୍ଚ ୩୦ ତାରିଖ ଯାଏଁ ପ୍ରାର୍ଥୀପତ୍ର ଦାଖଲ ଜାରି ରହିବ। ମାର୍ଚ୍ଚ ୩୧ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ଏପ୍ରିଲ ୩ ତାରିଖ ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ। ମଇ ୨ତାରିଖରେ ଭୋଟ ଗଣତି କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ତେବେ ନାମାଙ୍କନ ବେଳେ ପ୍ରାର୍ଥୀଙ୍କ ସହ ମାତ୍ର ଦୁଇଟି ଗାଡ଼ିକୁ ଅନୁମତି ଦିଆଯାଇଛି। ଡୋର ଟୁ ଡୋର କ୍ୟାମ୍ପେନ ବେଳେ ପ୍ରାର୍ଥୀଙ୍କ ସହ ମାତ୍ର ୫ ଜଣ ରହିପାରିବେ। ସବୁଠାରୁ ବଡ଼କଥା ହେଲା କି, ୮୦ ବର୍ଷରୁ ଅଧିକ, ଦିବ୍ୟାଙ୍ଗ ଓ କରୋନା ସଂକ୍ରମିତଙ୍କ ପାଇଁ ପୋଷ୍ଟାଲ ବାଲାଟ୍ ବ୍ୟବସ୍ଥା କରାଯାଇଛି। ନିର୍ବାଚନରେ ସଂଶ୍ଳିଷ୍ଟ ଥିବା ସମସ୍ତ କର୍ମଚାରୀଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ବିବେଚନା କରାଯିବ। ସମସ୍ତଙ୍କୁ ଠିକ୍ ସମୟରେ ଟିକାକରଣ ମଧ୍ୟ କରାଯିବ। ପ୍ରଚାରବେଳେ ବେଶି ସଂଖ୍ୟାରେ ଗାଡ଼ି ବ୍ୟବହାର କରିପାରିବେ। କିନ୍ତୁ ମାସ୍କ, ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ ରହିବ। ପୂର୍ବ ଉପନିର୍ବାଚନ ଭଳି ସାମାଜିକ ଦୂରତା ନିୟମ ପାଳନ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ବିଧାୟକ ପ୍ରଦୀପ ମହାରଥୀଙ୍କ ପରଲୋକ ଯୋଗୁ ପିପିଲିରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

# ଜିଲ୍ଲାପାଳ ଓ ଜଜ୍‌ଙ୍କ ଚୌଦ୍ୱାର ଜେଲ ପରିଦର୍ଶନ



**ଚୌଦ୍ୱାର(ଏନ୍.ଏମ୍.):** କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ, ଜିଲ୍ଲା ଦୌରାଜଜ୍ ରାଜ କୁମାର ସାହୁ,ଆଡିସ୍‌ନାଲ ଡିସିପି ପ୍ରଦ୍ୟୁମ୍ନ କୁମାର ଜେନା ଚୌଦ୍ୱାର ମଣ୍ଡଳ କାରାଗାର ପରିଦର୍ଶନ କରିଛନ୍ତି। ସେମାନେ ଦିନ ୧୧ଟା୩୦ମି ସମୟରେ ଜେଲ ପରିସରକୁ ପ୍ରବେଶ କରିବା ସହିତ ପ୍ରାୟ ୧ଘଣ୍ଟାରୁ ଉର୍ଦ୍ଧ ସମୟ ରହି ଜେଲର ବିଭିନ୍ନ ସମସ୍ୟା ଓ ଜେଲ ଭିତରେ ରହୁଥିବା ଅନ୍ତେବାସୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଜେଲ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ବିଚାରଧୀନ ବନ୍ଦୀ ଭାବେ ସଜା କାଟୁଥିବା ୨ଜଣ ଯୁବତୀ ଓ ଜଣେ ପୁରୁଷ କଏଦୀ ୨୦୨୦-୨୦୨୧ଶିକ୍ଷା ବର୍ଷରେ ପରୀକ୍ଷା ଦେଇଥିବା ବେଳେ +୨ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୨ଜଣ ଯୁବତୀ ଓ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜଣେ ପୁରୁଷଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କୋଭିଡ୍‌କୁ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଖୁବ୍ ଶିଘ୍ର ଜେଲ ଆସି ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଏହି ପରିଦର୍ଶନ ଏକ ରୁଟିନ ଭିଜିଟ୍ ବୋଲି ପ୍ରକାଶ କରି ଏବେବି ଜେଲ ଭିତରେ କିଛି ଆବଶ୍ୟକତା ଥିବା ଓ ସେଗୁଡିକର ସମାଧାନ ଖୁବ୍‌ଶିଘ୍ର କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ପରିଦର୍ଶନ ସମୟରେ ଜେଲ ଡିଆଇଜି କୁଳମଣି ବେହେରା, ଜେଲର ଅବିନାଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପଥରଖଣି ପରିଦର୍ଶନ କଲେ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ



**ଢେଙ୍କାନାଳ (ଏନ୍.ଏମ୍.):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ତହସିଲ ଝିଲ୍ଲୀ ଗ୍ରାମ ଠାରେ ଥିବା ପଥର ଖଣି ବନ୍ଦ କରାଯିବା ପାଇଁ ଝିଲ୍ଲୀ ଗ୍ରାମ ତରଫରୁ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି)ଙ୍କ ଠାରେ ଅପିଲ କରାଯାଇଥିଲା। ଜାତୀୟ ସବୁଜ ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଝିଲ୍ଲୀ ପଥରଖଣିକୁ ରାଜ୍ୟ ପ୍ରଦୂଷଣ ବିଭାଗ, କେନ୍ଦ୍ରୀୟ ପ୍ରଦୂଷଣ ବିଭାଗ, ସିଆ ବିଭାଗ, କଙ୍କଡାହାଡ଼ ତହସିଲ ଦାୟିତ୍ୱରେ ଥିବା କାମାକ୍ଷାନଗର ତହସିଲଦାର ସଞ୍ଜୟ କୁମାର ରାଉତ ପ୍ରମୁଖ ପରିଦର୍ଶନ କରିଥିଲେ। ଏହାପରେ ଅଧିକାରୀମାନେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଏହା ଏକ ବିଚାର ବିଭାଗୀୟ ତଦନ୍ତ ହେଉଥିବାରୁ ଆସିଥିବା ଅଧିକାରୀ କିଛି ମନ୍ତବ୍ୟ ଦେବାକୁ ମନା କରିଥିଲେ। ଖଣି ପରିଦର୍ଶନ ଓ ଗ୍ରାମବାସୀଙ୍କ ସହିତ ହେଇଥିବା ସମସ୍ତ ତଥ୍ୟ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି)ଙ୍କୁ ଦେବା ପାଇଁ କହିଥିଲେ। ଗ୍ରାମବାସୀ ଆସିଥିବା ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ ଏହି ଖଣିରେ ହେଉଥିବା ବ୍ଲାଷ୍ଟିଂ ଦ୍ୱାରା ଗ୍ରାମର ଘର ଫାଟି ଯାଉଛି। ଖଣିରୁ ଉଡୁଥିବା ଧୂଳି ପାଣିରେ ପଡ଼ିବା ଦ୍ୱାରା ଗାଁର ଅଧିକାଂଶ ଲୋକ କିଡିନି ରୋଗ ଓ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି।

# ଲିବ୍ରାକାର୍ପେଟ୍ସ ପରିସରରେ ଲାଗିଲା ନିଆଁ

**ଚୌଦ୍ୱାର (ଏନ୍.ଏମ୍.):** ଚୌଦ୍ୱାର ସ୍ଥିତ ବନ୍ଦ ଲିବ୍ରାକାର୍ପେଟ ପରିସରରେ ହଠାତ୍ ନିଆଁ ଲାଗି ଯାଇଥିବା ଦେଖିବାକୁ ମିଳିଛି। ପୂର୍ବାହ୍ନ ପ୍ରାୟ ୧୧ଟା ୪୦ ମିନିଟ ସମୟରେ ନିଆଁ ଜଳୁଥିବାବେଳେ ୨ଟି ଦମକଳ ଗାଡି ପ୍ରାୟ ଅପରାହ୍ନ ୪ଟା ସମୟରେ ନିଆଁ ଲିଭା କାର୍ଯ୍ୟ ଶେଷ ହୋଇଥିବା ଚୌଦ୍ୱାର ଦମକଳ କେନ୍ଦ୍ର ସୁତ୍ରରୁ ପ୍ରକାଶ। ନିଆଁ ଲାଗିବାରେ କମ୍ପାନୀର କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି। ଆଜକୁ ପ୍ରାୟ ୫ବର୍ଷରୁ ଉର୍ଦ୍ଧ ହେବ କମ୍ପାନୀ ବନ୍ଦ ହୋଇ ପଡିଥିବାରୁ କମ୍ପାନୀ ପରିସରରେ ବ୍ୟାପକ ଅନାବନା ଗଛ ଉଠି ତାହା ଏକ ରକମ ଛୋଟ ଜଙ୍ଗଲରେ ପରିଣତ ହୋଇଗଲାଣି। ନିଆଁ ଲାଗି କାରଖାନା ପରିସରରେ ଥିବା ବିଭିନ୍ନ ଗଛ ପୋଡ଼ି ଯାଇଛି। ନିଆଁର ଭୟାବହତାକୁ ଦେଖି ଆଖପାଖକୁ ବ୍ୟାପିବା ଆଶଙ୍କାରେ ସ୍ଥାନୀୟ ଲୋକେ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ନିଆଁ ଲାଗିବାର ସଠିକ୍ କାରଣ ଜଣା ପଡ଼ିନାହିଁ।

# ବୋମା ଖଞ୍ଜୁ ଥିବାବେଳେ ୪ ନକ୍ସଲ ଗିରଫ

**ମାଲକାନଗିରି (ଏନ୍.ଏମ୍.):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜପୁର ଜିଲ୍ଲାରେ ପୁଲିସକୁ ମିଳିଛି ବଡ ସଫଳତା।ବୋମା ଖଞ୍ଜୁ ଥିବାବେଳେ ୪ ନକ୍ସଲଙ୍କୁ ପୁଲିସ ଗିରଫ କରିଛି।ଏହିସହ ୪ ଜଣ ପୁଲିସ ହତ୍ୟା ଘଟଣାରେ ମଧ୍ୟ ଜଣେ ନକ୍ସଲଙ୍କୁ ଗିରଫ କରାଯାଇଛି।ଜିଲ୍ଲାର ନେଲସନର ଥାନା ଅଂଚଳରେ ପୁଲିସ ସର୍ଚ୍ଚ ଅପରେସନ କରୁଥିବା ବେଳେ ୪ଜଣ ନକ୍ସଲ ବୋମା ଖଞ୍ଜୁଥିବା ପୁଲିସ ଦେଖିବାକୁ ପାଇଥିଲେ।ତୁରନ୍ତ ସେହି ସ୍ଥାନକୁ ଘେରିବା ସହ ୪ ଜଣ ନକ୍ସଲଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ।ଗିରଫ ନକ୍ସଲମାନେ ହେଲେ ମୋଟୁରମ ଅଟ୍ଟାମି(୨୫), ତୁଳସୀ ଗୋୟମି(୧୯),ଶଙ୍କର ଇସ୍ତାମି(୨୨) ଏବଂ ଐତୁରାମ କବାସୀ(୨୨)। ସେହିପରି କୁଟ୍ରୁ ଥାନା ଅଞ୍ଚଳର ଚିଙ୍ଗର ନାଳ ଅଞ୍ଚଳରେ ବୁଦ୍ଧୁର ମିଛା(୩୦) ନାମକ ନକ୍ସଲଙ୍କୁ ଗିରଫ କରିଛି। ବୁଦ୍ଧୁର ୪ ପୁଲିସଙ୍କୁ ହତ୍ୟା କରିବା ଘଟଣାରେ ସାମିଲ ଥିବା ପୁଲିସ କହିଛି। ଅନ୍ୟ ଏକ ଘଟଣାରେ ଦୁରପଲ ଏବଂ ଚେରିଲି ମଧ୍ୟରେ ଥିବା ଜଙ୍ଗଲରେ ନକ୍ସଲଙ୍କ ଦୁଇଟି ସହିଦସ୍ତମ୍ଭକୁ ଧ୍ୱଂସ କରିଛି।

# ୩ବର୍ଷ ପରେ ଜନ୍ମମାଟିକୁ ଫେରିଲା ସୁହାନୀ



**କେନ୍ଦ୍ରାପଡ଼ା (ଆହ୍ଲାଦ ମହାନ୍ତି):** ତିନିବର୍ଷ ପରେ ଜନ୍ମମାଟିକୁ ଫେରିଛି ୧୦ବର୍ଷର ନାବାଳିକା ସୁହାନୀ। କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ାରୁ ଏକ ଟିମ ଉତ୍ତର ପ୍ରଦେଶର ନୋଏଡାକୁ ଯାଇ ସେଠାରୁ ନାବାଳିକା ସୁହାନୀକୁ ଉଦ୍ଧାର କରି ଏଠାରେ ପହଞ୍ଚିଛନ୍ତି। ଉଦ୍ଧାରକାରୀ ଦଳ ଏଠାରେ ପହଞ୍ଚିବା ପରେ ସୁହାନୀଙ୍କୁ ଜିଲାପାଳ ଶ୍ରୀ ଋତୁରାଜଙ୍କ ନିକଟରେ ହାଜର କରାଯାଇଥିଲା। ଜିଲାପାଳ ଏକ ସ୍କୁଲ ବ୍ୟାଗ, କଣ୍ଢେଇ, ଚକୋଲେଟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ।

୨୦୧୮ରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରା ଗ୍ରାମର ସନ୍ତୋଷ କୁମାର ଜେନା ଦ୍ୱିତୀୟ ବିବାହ କରି ଗାଁରେ ଝିଅ ସୁହାନୀକୁ ଏକା ଛାଡ଼ିଦେଇ ଅନ୍ୟତ୍ର ଚାଲିଯାଇଥିଲେ। ଏଇଠୁ ଆରମ୍ଭ ହୋଇଥିଲା ସୁହାନୀଙ୍କ ଜୀବନରେ ଏକ ଦୁଃଖଦ ଅଧ୍ୟାୟ। ଏହାପରେ ସୁହାନୀର ଦାଦା ଓ ଖୁଡ଼ୀ ତାକୁ ଦେଖାଶୁଣା କରିବା ନିମନ୍ତେ ସାଙ୍ଗରେ ନେଇ ଦିଲ୍ଲୀ ଚାଲିଯାଇଥିଲେ। ସେଠାରେ ଦାଦା ଓ ଖୁଡ଼ୀ ସୁହାନୀର ଦେଖାଶୁଣା କରିବା ବଦଳରେ ତାକୁ ନିର୍ଯାତନା ଦେଇଥିଲେ। ଏ ସମ୍ପର୍କରେ ସୁହାନୀଠାରୁ ଦିଲ୍ଲୀରେ ସେ ପଢୁଥିବା ସ୍କୁଲର ଶିକ୍ଷକ ଜାଣିବାକୁ ପାଇବା ପରେ ତୁରନ୍ତ ଏସମ୍ପର୍କରେ ସ୍ଥାନୀୟ ଚାଇଲ୍ଡ ଲାଇନକୁ ଖବର ଦେଇଥିଲେ। ଦିଲ୍ଲୀର ଚାଇଲ୍ଡ ଲାଇନ ଘଟଣା ସମ୍ପର୍କରେ ତଦନ୍ତ କରିବା ପରେ ସୁହାନୀଙ୍କୁ ତାର ଦାଦାଙ୍କ ଘରୁ ୨୦୧୯ ଡିସେମ୍ବର ମାସରେ ଉଦ୍ଧାର କରାଯାଇ ସ୍ଥାନୀୟ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଉତ୍ତର ପ୍ରଦେଶର ଗୌତମ ବୁଦ୍ଧ ନଗରସ୍ଥିତ ଶିଶୁମଙ୍ଗଳ ସମିତିଙ୍କ ନିର୍ଦ୍ଦେଶକ୍ରମେ ସୁହାନୀଙ୍କୁ ସେଠାକାର 'ସାଇକୃପା ସେଲଟର ହୋମ'ରେ ରଖାଯାଇଥିଲା। ୨୦୨୦ ଜାନୁଆରୀ ମାସରେ ଏସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ନୂଆଦିଲ୍ଲୀର ଆବାସିକ କମିଶନର ଅବଗତ କରାଇଥିଲେ। କେନ୍ଦ୍ରାପଡ଼ା ଜିଲାପାଳଙ୍କ ପକ୍ଷରୁ ନୂଆଦିଲ୍ଲୀର ଶିଶୁ ମଙ୍ଗଳ ସମିତି ସହିତ ସୁହାନୀଙ୍କୁ ଅଣାଯିବା ନିମନ୍ତେ ଯୋଗାଯୋଗ କରାଯାଇଥିଲେ ବି କରୋନା କଟକଣା ଯୋଗୁଁ ତାହା ସମ୍ଭବ ହୋଇ ପାରିନଥିବା ଭାରପ୍ରାପ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି। ଦିଲ୍ଲୀର ପ୍ରବାସୀ ଓଡିଆ ସଂଗଠନ ଓଡିଆ ମହାମଞ୍ଚ ନିର୍ଦ୍ଦେଶକ ଗୋବର୍ଦ୍ଧନ ଧଳ ସେଲ୍ଟର ହୋମରେ ପହଞ୍ଚି ସୁହାନୀଙ୍କୁ ଓଡିଶାକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରିଥିଲେ। ଆବଶ୍ୟକ ପ୍ରକ୍ରିୟା ପରେ କେନ୍ଦ୍ରାପଡ଼ା ଜିଲା ଶିଶୁ ସୁରକ୍ଷା ୟୁନିଟର ଏକ ଟିମ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ଶିଶୁ ମଙ୍ଗଳ ସମିତି ସଭ୍ୟା ଲଳିତାଞ୍ଜଳି ଦାସ ୧୪ ତାରିଖରେ ନୂଆଦିଲ୍ଲୀ ଯାଇଥିଲେ। ଶନିବାର ଏହି ଟିମ୍ ସୁହାନୀଙ୍କୁ ଧରି ଫେରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୁହାନୀଙ୍କୁ ଗରଦପୁର ବ୍ଲକ ଅନ୍ତର୍ଗତ କୋରୁଆସ୍ଥିତ ପଲ୍ଲିଶ୍ରୀ ମହିଳା ସମିତିର ଶିଶୁ ଯତ୍ନ ଗୃହରେ ଥଇଥାନ କରାଯାଇଛି। ଭାରପ୍ରାପ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଦାସ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଭଗବତୀ ପ୍ରସାଦ ଦାସ, ସଭ୍ୟା ସ୍ମୃତାଞ୍ଜଳି ମହାପାତ୍ର, କିଶୋର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୁହାନୀଙ୍କ ସମସ୍ତ ପାଠପଢ଼ା ଖର୍ଚ୍ଚ କେନ୍ଦ୍ରାପଡ଼ା ଡିଏଭି ସ୍କୁଲର ଅଧ୍ୟକ୍ଷ ରଞ୍ଜନ କୁମାର ବିଶ୍ୱାଳ ସ୍ୱେଚ୍ଛାକୃତ ଭାବେ ବହନ କରିବେ ବୋଲି ଜିଲାପାଳଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଆନ୍ତଃରାଜ୍ୟ ଲୁହା ପଥର ଚୋରା ଚାଲଣ ର୍ୟାକେଟ, ୪ ଟ୍ରଲର, ୧ ଲୋଡର, ୧ ବାଇକ ସମେତ ୬ ଗିରଫ



**ବଡ଼ବିଲ(ଏନ୍.ଏମ୍.):** ପ୍ରଶାସନ ଡାଳେ ଡାଳେ ଗଲେ ଖଣି ମାଫିଆନେ ପତ୍ରେ ପତ୍ରେ ଯାଉଥିବା ଲକ୍ଷ କରାଯାଇଛି। ପ୍ରଶାସନ ପକ୍ଷରୁ ଯେତେବ ଅଙ୍କୁଶ ଲଗାଗଲେ ମଧ୍ୟ ଖଣି ସମ୍ପଦ ଚୋରା କାରବାର ରୋକାଯାଇ ପାରିନାହିଁ। ବଡବିଲ ପୁଲିସକୁ ଏ ନେଇ ରବିବାର ଦିନ ଏକ ବଡ ସଫଳତା ମିଳିଛି। ୨୧ ତାରିଖ ବିଳମ୍ବିତ ରାତ୍ରୀରେ ଖଣି ମାଫିଆମାନେ ବଡବିଲ ରେଳ ସାଇଡିଂରେ ପୂର୍ବରୁ ଜବତ ହୋଇ ଗଚ୍ଛିତ ଥିବା ଲୁହାପଥରକୁ ୪ଟି ଟ୍ରଲରରେ ଏକ ଲୋଡର ସାହାଯ୍ୟରେ ବୋଝେଇ କରି ପଡୋଶୀ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ବଡବିଲ ପୁଲିସ କୌଣସି ସୁତ୍ରରୁ ଖବର ପାଇ ଲୁହାପଥର ବୋଝେଇ ୪ଟି ଟ୍ରଲର ନମ୍ବର. ଜେଏଚ୍‌୦୨ଏଆର-୩୮୨୮, ଏନ୍‌ଏଲ୦୧ଏନ୍-୫୨୨୭, ଏନ୍‌ଏଲ୍ ୦୧ଏଲ୍-୫୫୫୧ (ଗୋଟିଏ ନମ୍ବର ଜଣାପଡିନାହିଁ) କୁ ଜବତ କରିବା ସହ ବୋଝେଇରେ ବ୍ୟବହୃତ ଏକ ଲୋଡର ନମ୍ବର ଜେଏଚ୍-୦୬ସି-୪୩୫୧ କୁ ମଧ୍ୟ ଜବତ କରିଛି। ଏହି ଘଟଣାରେ ଚୋରା କାରବାରରେ ମାଷ୍ଟରମାଇଣ୍ଡ କୁହାଯାଉଥିବା ୨ଜଣ ଅଭ୍ୟାସଗତ ଲୁହାପଥର ମାଫିଆ ସେହି ବଡବିଲ ଷ୍ଟେସନ ରୋଡର ଜିତେନ୍ଦ୍ର ଝା ଓ ପି.ଏଚ୍.ଡି. ରୋଡର ଏକବାଲ କ୍ୟୁରେସିକୁ ପୁଲିସ ଗିରଫ କରିଛି। ସେମାନେ ବ୍ୟବହାର କରୁଥିବା ବାଇକ ନମ୍ବର ଓଡି୦୯କେ-୩୯୨୫ଟିକୁ ମଧ୍ୟ ପୁଲିସ ଜବତ କରିବାରେ ସଫଳ ହୋଇଛି। ଗିରଫ ଅନ୍ୟ ୪ଜଣ ଏହି ଟ୍ରଲର ଡ୍ରାଇଭର ବୋଲି ଜଣାପଡିଛି। ତେବେ କୌଶଳକ୍ରମେ ଲୋଡର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଏହି ଲୋଡରର ମାଲିକ ଏହାର ମାଷ୍ଟରମାଇଣ୍ଡ ବୋଲି ଚର୍ଚ୍ଚା ହେଉଥିବା ବେଳେ ପୁଲିସ ତାକୁ ଗିରଫ କରିବାରେ ଅସଫଳ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଜଣାପଡିଛି ଯେ, ଏହି ଲୁହାପଥର ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗ ଅଞ୍ଚଳକୁ ଚୋରାଚାଲଣ କରାଯାଉଥିଲା। ଦୀର୍ଘ ଦିନରୁ ଏହି ଅଭିଯୁକ୍ତମାନେ ଜାଲ କାଗଜପତ୍ର ପ୍ରସ୍ତୁତ କରି ପୁଲିସ ଓ ଖଣି ବିଭାଗ ଆଖିରେ ଧୂଳି ଦେଇ ଲୁହାପଥର ଚୋରାଚାଲାଣ ର୍ୟାକେଟ ଚଳାଇଆସୁଥିଲେ। ମୁଖ୍ୟ ଅଭିଯୁକ୍ତ ୨ଜଣଙ୍କ ନାମରେ ଯୋଡା ଓ ବଡବିଲ ଅଞ୍ଚଳରେ ଏକାଧିକ ଲୁହାପଥର ଚୋରାଚାଲାଣର ମାମଲା ରହିଥିଲେ ମଧ୍ୟ ପୁଲିସ ସେମାନଙ୍କ ଉପରେ ଅଙ୍କୁଶ ଲଗାଇବାରେ ଅସଫଳ ହୋଇଥିବା ଜଣାପଡିଛି। ମାଫିଆମାନଙ୍କ ଉପରେ କଠିନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଏହି ଚୋରାକାରବାରକୁ ରୋକିବା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିବ ବୋଲି ଆଲୋଚନା ହେଉଛି।





# ବସନ୍ତ ଉତ୍ସବ



## ଦୋଳ ମେଳଣ-ଲଉଡ଼ିଖେଳ



ଓଡ଼ିଶାରେ ପାଳିତ ହେଉଥିବା ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ପର୍ବ ହେଉଛି ଦୋଳପର୍ବ। ସାଧାରଣତଃ ଏହି ପର୍ବ ଫାଲଗୁନ ଶୁକ୍ଳଦଶମୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ପର୍ବ ପାଳନ କରାଯାଏ। ଏହାକୁ କେହି କେହି ଦୋଳ ଉତ୍ସବ କହୁଥିବାବେଳେ ଆଉକେହି କେହି ବସନ୍ତ ଉତ୍ସବ ବୋଲି କହିଥାନ୍ତି। ପ୍ରଭୁ ଶ୍ରୀକୃଷ୍ଣଙ୍କୁ ବିମାନାରୂଢ଼ କରାଯାଇ ନଗର ଆଦି ପରିକ୍ରମା କରାଯାଉଥିବାରୁ ଏହାକୁ ଦୋଳଯାତ୍ରା ବୋଲି କୁହାଯାଏ। ଏଥିରେ ଦୋଳ ବା ବିମାନରେ ବାଳଗୋପାଳ, ଆଣ୍ଠୁଆଗୋପାଳ, କିମ୍ବା ରାଧାକୃଷ୍ଣ ଆଦି ବିଗ୍ରହମାନଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଏ ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ ଖୋଲା ସ୍ଥାନରେ ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ବିମାନ ମାନ ଏକତ୍ର ହୋଇ ମେଳଣ ହୁଏ। ଏଥିରେ ନାଚଗୀତର ଆୟୋଜନ ହେବା ସହିତ ଫଗୁ ଖେଳ ହୋଇଥାଏ।

ପୁରାଣରେ ମତ ଅଛି ଯେ, ଭଗବାନ ଶ୍ରୀକୃଷ୍ଣ କଂସକୁ ମାରିବା ପାଇଁ ଗୋପରେ ଥିଲାବେଳେ ପ୍ରଥମେ ଗୋପବାଳକମାନଙ୍କ ସହିତ ମିଶି ଏହି ଉତ୍ସବ କରିଥିଲେ। ତେବେ ଏହାକୁ ନେଇ ମହାପୁରୁଷ ଅଚ୍ୟୁତା ନନ୍ଦ କହିଛନ୍ତି ଯେ, ଗୋପାଳ ସମ୍ପ୍ରଦାୟର ଯୁବକମାନେ ସେହିପରି ବେଶଭୂଷା ହୋଇ ଦୋଳ ବିମାନ ସହିତ ଯାତ୍ରା କରିଥାନ୍ତି। ଏହି ଅବସରରେ ଗୋପାଳଙ୍କ ଓଗାଳ ଓ ଲଉଡ଼ିଖେଳର ପରମ୍ପରା ରହିଛି। ଗୋପାଳ ପୁଅ ବେଶପୋଷାକରେ ନୂଆଲୁଗା ପରିଧାନ ପୂର୍ବକ ପାଇକଛା ମାରି, ଘଣ୍ଟି ଘାଗୁଡ଼ି ସହିତ ମୁଣ୍ଡରେ ଠେକା ଭିଡ଼ି, ମୟୂର ଚୂଳ ଖୋସି ଥାଆନ୍ତି। ବେକରେ ଗୁଞ୍ଜରା ମାଳି ଓ ପାଦରେ ଘୁଙ୍ଗୁର ନାଇ, ହାତରେ ଦି'ଖଣ୍ଡ ଲଉଡ଼ି ଧରି, ଖୋଳ, କରତାଳ, ଶିଙ୍ଗା, ବେଣୁ, ଭେରୀ ଓ ତୂରୀ ଆଦି ବାଦ୍ୟଯନ୍ତ୍ରର ତାଳେତାଳେ ନାଚିନାଚି ଅଚ୍ୟୁତାନନ୍ଦଙ୍କ ରଚିତ 'ଓଗାଳ' ଗାନ କରିଥାନ୍ତି। 'ଓଗାଳ' ବା 'ଗୋପାଳଙ୍କ ଓଗାଳ'ର ଏପରି ଗୋଟିଏ ପଦ ହେଉଛି-

'ଆସ ଆସରେ ଭାଇ ଖେଳ ଖେଳିବା ପାଇଁ
ଆନନ୍ଦେ ରାମକୃଷ୍ଣଙ୍କ ନାମକୁ ଗାଇ
ହାତେ ଲହୁଡ଼ି ଧରି କୃଷ୍ଣ ନାମକୁ ସ୍ମରି
ଏ ଭବ ସାଗରୁ ଆମ୍ଭେ ଯିବା ଯେ ତରି।'

ଏହାକୁ ଲଉଡ଼ି, ଲହୁଡ଼ି, ନଉଡ଼ି ବା ଗଉଡ଼ ନାଚ କହନ୍ତି। ଏହା ଗୋପାଳ ସମ୍ପ୍ରଦାୟର ଏକ ଶ୍ରେଷ୍ଠ ପର୍ବ। ଏହି ସମୟରେ ଗୋପାଳ ସମ୍ପ୍ରଦାୟ ଫଗୁ ବା ଅବିର ଦେଇ ଗୋପୂଜା ମଧ୍ୟ କରିଥାନ୍ତି। ଏହା ଓଡ଼ିଶାର ଏକ ସ୍ୱତନ୍ତ୍ର ପର୍ବ ଓ ପରମ୍ପରା ଭାବେ ରହିଆସିଛି।

## ପଞ୍ଚୁଦୋଳ ଯାତ୍ରାରେ ବାଧକ ସାଜିଲା କରୋନା କଟକଣା; ସର୍ବସାଧାରଣରେ ହୋଲି ମନା

**ଆଠଗଡ (ଏନ୍.ଏମ୍.):** ରାଜାରାଜୁଡା ଅମଳରୁ ଆଠଗଡ ଗଡଜାତ ଅଞ୍ଚଳରେ ଚାଲିଆସୁଥିବା ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରାରେ ଚଳିତବର୍ଷ ବାଧକ ସାଜିଛି କରୋନା କଟକଣା। ସଂପ୍ରତି ଦେଶର ବିଭିନ୍ନ ରାଜ୍ୟରେ ଓ ଓଡିଶାରେ ମଧ୍ୟ ୨ୟ ପର୍ଯ୍ୟାୟ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସ୍ୱତନ୍ତ୍ର ରିଲିଫ କମିଶନର ଦୋଳ ଓ ହୋଲି ଉତ୍ସବରେ କଟକଣା ଜାରି କରିବା ପରେ ଆଠଗଡ ପ୍ରଶାସନ ପକ୍ଷରୁ ମଧ୍ୟ ସେହି ଅନୁଯାୟୀ କଟକଣା ଜାରି କରୁଛି। ଆଠଗଡ ଉପଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସୋମବାର ତାଙ୍କ କାର୍ଯ୍ୟାଳୟ ସଭାଗୃହରେ ପଞ୍ଚୁଦୋଳ ଯାତ୍ରା କିପରି କୋଭିଡ କଟକଣା ମଧ୍ୟରେ ପାଳନ କରାଯିବ ସେ ନେଇ ଆଲୋଚନା ଓ କେତେକ ନିଷ୍ପତି ଗ୍ରହଣ କରାଯାଇଛି। ଆଠଗଡ ଗଡଜାତ ଅଞ୍ଚଳରେ ଫଗୁଦଶମୀ ଠାରୁ ବାରୁଣୀ ଯାତ୍ରା ଅର୍ଥାତ୍ ମାର୍ଚ୍ଚ ୨୪ତାରିଖରୁ ଏପ୍ରିଲ ୮ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମାଞ୍ଚଳ ଓ ଆଠଗଡ ସହରରେ ପୃଥକ ପୃଥକ ଦିନରେ ଦୋଳ ଓ ପଞ୍ଚୁଦୋଳ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଆଠଗଡ ପଞ୍ଚୁଦୋଳ ଯାତ୍ରାରେ ପୂର୍ବପରି ୫୦ରୁ ଉର୍ଦ୍ଧ୍ୱ ବିମାନ ଯୋଗ ନ ଦେଇ କେବଳ ଆଠଗଡ ସହର, ରାଧାଗୋବିନ୍ଦପୁର, ଧବଳେଶ୍ୱର ଓ ସର୍ପେଶ୍ୱର ଦେବଙ୍କର ୧୦ଟି ବିମାନ ଯୋଗଦେବେ। ଏଠାରେ ନିରାଡମ୍ବର ଭାବେ ଦୋଳମେଳଣ ପଡିଆରେ ବିମାନଗୁଡିକ ଏକତ୍ରିତ ହେବା ପରେ ବିନା ବାଜା, ବାଣ ଓ ରୋଷଣିରେ ନିରାଡମ୍ବର ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ କୌଣସି ବିମାନ ସହିତ ବିମାନ ବାହକ, ପୂଜକ ଓ ଘଣ୍ଟୁଆଙ୍କୁ ମିଶାଇ ୧୦ଜଣରୁ ଅଧିକ ରହିପାରିବେ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରିଯାଇଛି। ସେହିପରି ଆଠଗଡ ସହର ଏବଂ ବିଭିନ୍ନ ଗ୍ରାମାଞ୍ଚଳରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଅବା ଅପେରା କରାଯାଇପାରିବ ନାହିଁ। କେବଳ ପରମ୍ପରାକୁ ବଜାୟ ରଖିବା ଲାଗି ବିମାନରୁଢ ଦିଅଁଙ୍କୁ ନିରାଡମ୍ବର ଶୋଭାଯାତ୍ରାରେ ପରିକ୍ରମା କରାଯାଇ ଭୋଗଲାଗି କରାଯିବ। ସେହିପରି ସର୍ବସାଧାରଣରେ ସାମୂହିକ ହୋଲି ଖେଳ ଉପରେ ମଧ୍ୟ ସଂପୂର୍ଣ୍ଣ କଟକଣା ଜାରି କରାଯାଇଛି। ଲୋକମାନେ ନିଜ ପରିବାର ସହିତ ହୋଲି ଖେଳିପାରିବେ। ଦୋଳ ଓ ପଞ୍ଚୁଦୋଳ ଯାତ୍ରାରେ ବାହାରକୁ ଆସୁଥିବା ଲୋକମାନେ ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ରକ୍ଷା ବାଧ୍ୟତାମୂଳକ କରାଯାଇଛି। ଏହି ବୈଠକରେ ତହସିଲଦାର ତପନ କୁମାର ଖୁଣ୍ଟିଆ, ବିଡିଓ ଅରୁଣ କୁମାର ଦାସ, ଡାକ୍ତରଖାନା ଅଧିକ୍ଷକ ବିଜୟ କୁମାର ମିଶ୍ର, ଦେବୋତ୍ତର ଉପଦେଷ୍ଟା କମିଟି ସଭାପତି ପ୍ରାଣକୃଷ୍ଣ ଦାଶ, ସହକାରୀ ଜିଲ୍ଲାପାଳ ପ୍ରିୟବ୍ରତ ଦାସ, ଆଠଗଡ ଆଇଆଇସି ଜ୍ଞାନରଞ୍ଜନ ମିଶ୍ର, ଖୁଣ୍ଟୁଣୀ ଆଇଆଇସି ସୁଚିତ୍ରବିର୍ଯ୍ୟ ଦାସ ଓ ଗୁରୁଡିଝାଟିଆ ଆଇଆଇସି ସମ୍ବିତ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ବଜାର କମିଟି କର୍ମକର୍ତ୍ତା, ଗ୍ରାମ୍ୟ କମିଟି କର୍ମକର୍ତ୍ତା, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



## ବିମାନରେ ଶ୍ରୀଜୀଉଙ୍କ ନଗର ପରିକ୍ରମା



**କଟକ(ଏନ୍.ଏମ୍.):** କଟକ ସହରରେ ଆରମ୍ଭ ହୋଇଛି ପବିତ୍ର ଦୋଳଯାତ୍ରା। ଚଳିତ ବର୍ଷ କରୋନା କଟକଣା ଯୋଗୁଁ ବସନ୍ତ ଉତ୍ସବ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। କଟକ ସହରରେ ଦୋଳମେଳଣ ଗୋଟିଏ ଅପୂର୍ବ ପରମ୍ପରା। ଶ୍ରୀଜୀଉଙ୍କୁ ବିମାନାରୂଢ଼ କରାଯାଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରାଯିବା ସହିତ ବିଭିନ୍ନ ଦିଗଭାଗ ଅନୁଯାୟୀ ମେଳଣ ପଡ଼ିଆରେ ବିମାନମାନଙ୍କୁ ଏକତ୍ରିତ କରାଯାଇଥାଏ। ବିଭିନ୍ନ ରଙ୍ଗ ଅବିର ଦ୍ୱାରା ଦୋଳମେଳଣ ରଙ୍ଗିନ ହୋଇ ଉଠେ। ଏହି ପରମ୍ପରା ନେଇ ଚଳିତ ବର୍ଷ ସହରର ବିଭିନ୍ନ ସ୍ଥାନରେ ଦୋଳମେଳଣ ପାଳିତ ହୋଇଛି। ସହରରେ ବିଭିନ୍ନ ଦିଗ ଭାଗ ପକ୍ଷରୁ ଗତ କାଲି ଠାରୁ ଏହି ଦୋଳ ମେଳଣ ଆରମ୍ଭ ହୋଇଯାଇଛି। ଏହି ଅବସରରେ ପ୍ରଭୁ ନଟନାଗର ଶ୍ରୀ କୃଷ୍ଣ ଭଗବାନଙ୍କର ବିଭିନ୍ନ ରୂପରେ ପୂଜା ପାଉଥିବା ବିଷ୍ଣୁ ରୂପୀ ଶ୍ରୀ ଜୀଉଙ୍କୁ ବିମାନାରୂଢ଼ କରାଯାଇ ନଗର ପରିକ୍ରମା କରାଯିବା ସହ ବିଭିନ୍ନ ସ୍ଥାନରେ ମେଳଣ ଅନୁଷ୍ଠିତ ହୋଇଯାଇଛି। ଦୋଳମେଳଣ ବୈଷ୍ଣବ ତଥା ଗୌଡ଼ିୟ ପରମ୍ପରାର ଏକ ଅନନ୍ୟ ପର୍ବ। ଏହି ପର୍ବରେ ଶ୍ରଦ୍ଧାଳୁମାନେ ଶ୍ରୀ ଜୀଉଙ୍କୁ ଫଗୁ (ଅବିର)ଖେଳାଇବା ସହିତ ନିଜେ ମଧ୍ୟ ଫଗୁ ଖେଳିଥିଲେ। ଶ୍ରୀ ଜୀଉଙ୍କୁ ଶ୍ରଦ୍ଧାଳୁମାନେ ସୁସଜ୍ଜିତ ବିମାନରେ ବସାଇ ସଂକୀର୍ତ୍ତନ କରି ଏକ ଶୋଭାଯାତ୍ରାରେ ଅଞ୍ଚଳ ପରିଭ୍ରମଣ କରାଇଥିଲେ। ଏହି ପର୍ବ ଫଗୁ ଦଶମୀ ତିଥିରୁ ଆରମ୍ଭ ହୋଇଥିବାରୁ ଗତକାଲି ବିଳମ୍ବିତ ରାତିରେ ଶ୍ରୀ ଜୀଉଙ୍କୁ ନଗର ପରିକ୍ରମା କରାଯାଇଥିଲା। ଗତକାଲି ଦଶମୀ ତିଥିରେ ରଘୁନାଥ ଜୀଉ, ତିନି ଘରିଆ, ନୂଆପଡ଼ା ଠାରେ ଦୋଳମେଳଣ ହୋଇଥିବାବେଳେ ଆଜି ବିଳମ୍ବିତ ରାତିରେ ଚୌଧୁରୀ ବଜାର, ଖାନନଗର, ପୋପରଡ଼ା, କାଳୀଗଳି, ବଢ଼େଇ ସାହି ଅଞ୍ଚଳରେ ଦୋଳମେଳଣ ବଡ଼ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏହି ସବୁ ସ୍ଥାନରେ ଶ୍ରୀ ଜୀଉଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରାରେ ଫଗୁ ଫିଙ୍ଗି ଅଞ୍ଚଳ ପରିକ୍ରମା କରିଥିଲେ।

## ରଙ୍ଗରେ ରଙ୍ଗରେ ହୋଲି



ରଙ୍ଗର ଖେଳ ହୋଲି। ପତ୍ୟେକ ବର୍ଷ ଫାଲଗୁନ ମାସରେ ରଙ୍ଗର ପର୍ବ ହୋଲି ଖୁବ ଆନନ୍ଦ ଓ ଉଲ୍ଲାସରେ ପାଳନ କରାଯାଇଥାଏ। ବିଭିନ୍ନ ପ୍ରକାର ରଙ୍ଗରେ ହୋଲି ଖେଳାଯାଏ। ରଙ୍ଗ ସହ ଜୀବନର ମଧ୍ୟ ଗଭୀର ସମ୍ବନ୍ଧ ରହିଛି। ପ୍ରତ୍ୟେକ ରଙ୍ଗ ଆମର ଭାବନାକୁ ପ୍ରଦର୍ଶିତ କରିଥାଏ। ରଙ୍ଗ ମାଧ୍ୟମରେ ବ୍ୟକ୍ତି ଶାରିରୀକ ହେଉ କିମ୍ବା ମାନସିକ ଭାବେ ହେଉ ପ୍ରଭାବିତ ହୋଇଥାଏ। ଏହାସହ ଜ୍ୟୋତିଷଙ୍କ ମତାନୁଯାୟୀ, ଜୀବନ ସହ ଜଡ଼ିତ ଏହି ରଙ୍ଗ ଗ୍ରହ ମାନଙ୍କର ଶୁଭଫଳ ପ୍ରଦାନ କରିବାରେ ସହାୟକ ହୋଇଥାଏ। ଜାଣନ୍ତୁ .....

ଲାଲ ରଙ୍ଗ – ଏହି ରଙ୍ଗ ଦ୍ୱାରା ଭୂମି, ଯାନବାହାନ, ସାହାସ, ପରାକ୍ରମର ସ୍ୱାମୀ ମଙ୍ଗଳ ଗ୍ରହ ପ୍ରସନ୍ନ ହୋଇଥାଆନ୍ତି।

ହଳଦିଆ ରଙ୍ଗ – ଏହି ରଙ୍ଗ ଅହିଂସା, ଆନନ୍ଦ ଓ ଜ୍ଞାନର ପ୍ରତୀକ। ଏହା ସୁନ୍ଦରତା ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ସହ ଦେବ ଗୁରୁ ବୃହସ୍ପତି ପ୍ରସନ୍ନ ହୋଇଥାଆନ୍ତି ଓ ବିଶେଷ କୃପା ପ୍ରଦାନ କରିଥାଆନ୍ତି।

ନାରଙ୍ଗୀ ରଙ୍ଗ – ନାରଙ୍ଗୀ ରଙ୍ଗ ଜ୍ଞାନ, ଶକ୍ତି, ପ୍ରେମ ଓ ଆନନ୍ଦର ପ୍ରତୀକ। ଜୀବନରେ ଏହାର ପ୍ରୟୋଗରେ ମଙ୍ଗଳ ଓ ବୃହସ୍ପତିଙ୍କ କୃପା ସହ ସୂର୍ଯ୍ୟଦେବଙ୍କ ବିଶେଷ କୃପା ମଧ୍ୟ ପ୍ରାପ୍ତି ହୋଇଥାଏ।

ଧଳା ରଙ୍ଗ – ଧଳା ରଙ୍ଗ ଶାନ୍ତି, ପବିତ୍ରତାକୁ ଦର୍ଶାଇଥାଏ। ଏହି ରଙ୍ଗର ପ୍ରୟୋଗରେ ଚନ୍ଦ୍ରମା, ଶୁକ୍ରଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ।

ନୀଳ ରଙ୍ଗ – ନୀଳ ରଙ୍ଗ ସ୍ୱଚ୍ଛତା, ନିଷ୍ପାପି, ପାରଦର୍ଶିତା, କରୁଣାମୟ, ଉଚ୍ଚ ବିଚାର ହେବାର ସୂଚନା ଦେଇଥାଏ। ଏହି ରଙ୍ଗର ପ୍ରୟୋଗରେ ପ୍ରଭୁ ଶନି ଦେବଙ୍କ କୃପା ପ୍ରାପ୍ତି ହୋଇଥାଏ।

ସବୁଜ ରଙ୍ଗ – ଏହି ରଙ୍ଗ ହସଖୁସି, ସମୃଦ୍ଧି, ଦୟା, ପବିତ୍ରତାର ପ୍ରତୀକ। ଏହି ରଙ୍ଗର ପ୍ରୟୋଗରେ ବୁଧ ଗ୍ରହ ପ୍ରସନ୍ନ ହୋଇ ଥାଆନ୍ତି ।

## ଷ୍ଟୋରି ଇମେଜ୍‌ର ହୋଲି ଉତ୍ସବ : 'ପୁଣି ଆସିଛି ଫଗୁଣ ଫେରି'



**ଚୌଦ୍ୱାର(ଏନ୍.ଏମ୍.) :** ରଙ୍ଗର ଉତ୍ସବ ହୋଲି। ଏନେଇ ଚୌଦ୍ୱାରର ଅଗ୍ରଣୀ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ଷ୍ଟୋରୀଇମେଜର ବସନ୍ତ ଓ ହୋଲି ଉତ୍ସବ 'ପୁଣି ଆସିଛି ଫଗୁଣ ଫେରି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଷ୍ଟୋରୀ ଇମେଜର ମୁଖ୍ୟ ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁଙ୍କ ପରିଚାଳନାରେ ସ୍ଥାନୀୟ ମା' ପୋଟଳେଇ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଘୋଡାନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଡକ୍ଟର ଉଚ୍ଛବ ଚରଣ ଦାସ, ସଂଗୀତକାର ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ, ଦୁରଦର୍ଶନର ଘୋଷିକା ଡକ୍ଟର ସ୍ନେହଲତା ମିଶ୍ର, କଣ୍ଠଶିଳ୍ପୀ ସୁଧାକର ମିଶ୍ର, ସାହିତ୍ୟିକ ପ୍ରକାଶ ମହାପାତ୍ର, ପରେଶ ପଟ୍ଟନାୟକ, ଡକ୍ଟର ସୁରଞ୍ଜନ ଲେଙ୍କା, ଡକ୍ଟର ନିରଞ୍ଜନ ସାହୁ, ଡକ୍ଟର ପ୍ରାଚୀଭୂଷଣ ତ୍ରିପାଠୀ, ଗଣେଶ୍ୱର ସ୍ୱାଇଁ, ଭାଗ୍ୟଲକ୍ଷ୍ମୀ ଦାସ, ଚିତ୍ତରଞ୍ଜନ ପଣ୍ଡା, କେ.ସି. ପ୍ରତାପ ସିଂହ, କବି ବୈଦ୍ୟନାଥ ଖିଲାର, ବିନୋଦ ସୁତାର, ଅଧ୍ୟାପକ ପ୍ରଫେସର ସୁଶୀଲ ପ୍ରଧାନଙ୍କ ସମେତ ବହୁ କବୟତ୍ରୀ ଓ କବି ଅଂଶ ଗ୍ରହଣ କରି ସ୍ୱରଚିତ କବିତା ପାଠ କରିବା ସହିତ ବସନ୍ତ ଋତୁ ସହିତ ହୋଲି ଉତ୍ସବ ଓ ହୃଦୟର ଅନାବିଳ ପ୍ରେମର ସମ୍ପର୍କ ଉପରେ ବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ଷ୍ଟୋରୀ ଇମେଜର ମୁଖପତ୍ର 'ଅବିର ଡାଲା', ଡକ୍ଟର ସ୍ନେହା ମିଶ୍ରଙ୍କ 'ଅବ୍ୟକ୍ତ ବେଦନା' ଆଦି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କବିୟତ୍ରୀ ଓ କବି ଯୋଗଦେଇ ହୋଲିର ରଙ୍ଗ ଓ ପ୍ରେମର ଫୁଆରା କଥାବସ୍ତୁ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ସାହିତ୍ୟ ଆସର ଓ ଫଗୁଖେଳ ଆଦି ବହୁବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଗତୀ ଭୁୟାଁ, ଖାଲିଦ୍ ଚାନ୍ଦ, ଦିଲ୍ଲିପ ସାହୁ, ପଦ୍ମାବତୀ ବେହେରା, ସୁକନ୍ୟା ନାୟକ, ଚାନ୍ଦିନୀ ନାୟକ, ଚନ୍ଦ୍ରିକା ଦାସ, କାହ୍ନୁ ବେହେରା ପ୍ରମୁଖ ପରିଚାଳନା କରିଥିଲେ।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ପୁଣି ଫେରିବ କର୍ଫ୍ୟୁ !...

ଆକ୍ରାନ୍ତଙ୍କ ସଂଖ୍ୟା ଧୀରେ ଧୀରେ ବଢୁଥିବା ବେଳେ ଗୁରୁବାର ଦିନ ୫୩ ହଜାରରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ମୋଟ୍ ସଂଖ୍ୟା ୧,୧୭,୮୭,୫୩୪କୁ ଛୁଇଁଥିବାନେଇ କେନ୍ଦ୍ରର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜଣାପଡିଛି । କେନ୍ଦ୍ରର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ୫୩,୪୭୬ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲା ବେଳେ ପାଖାପାଖି ୨୫୧ ଜଣଙ୍କର ମୃତ୍ୟୁ ଘଟିଛି । ସେହିପରି ସୁସ୍ଥ ହୋଇଛନ୍ତି ୨୬,୪୯୦ ଜଣ । ଏଯାବତ୍ ଆକ୍ଟିଭ୍ କେସ୍ ୩,୯୫,୧୯୨ ରହିଥିବା ବେଳେ ପାଖାପାଖି ୧,୬୦,୬୯୨ ଜଣ ପ୍ରାଣ ହରାଇଛନ୍ତି । ଆହୁରି ମଧ୍ୟ ସମସ୍ତ ୧,୧୨,୩୧,୬୫୦ ଜଣ ଚିକିତ୍ସିତ ରୋଗୀ ସୁସ୍ଥ ହୋଇ ଡିସଚାର୍ଜ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## କରୋନା ଠାରୁ ବଡ ମହାମାରୀ ...

ବେତନରେ ଏମାନଙ୍କୁ ନିଯୁକ୍ତି ଦେଉଛନ୍ତି ।

କରୋନା ସମୟରେ ଲକ୍ଷ ଲକ୍ଷ ପ୍ରବାସୀ ରାଜ୍ୟକୁ ଫେରିଲେ । ନା ତାଙ୍କର ସ୍କିଲ ମ୍ୟାପିଂ କରାଗଲା ନା ନିଯୁକ୍ତି ଦିଆଗଲା, ଯେଉଁଥିପାଇଁ ସ୍ଥିତିରେ ଟିକିଏ ସୁଧାର ଆସିବା ମାତ୍ରେ ଏହି ପ୍ରବାସୀମାନେ ପୁଣିଥରେ ନିଯୁକ୍ତି ଆଶାରେ ବାହାରକୁ ଚାଲିଗଲେ । ଯେତିକି ଦକ୍ଷତା ବିକାଶ ତାଲିମ ଦିଆଯାଇଛି ସେଥି ମଧ୍ୟରୁ ୩୧ ପ୍ରତିଶତ ପିଲା ନିଯୁକ୍ତି ପାଇଁ ଅଯୋଗ୍ୟ । ଏଥିରୁ ଜଣାପଡୁଛି ରାଜ୍ୟରେ ଦକ୍ଷତା ବିକାଶ ବିଭାଗ କିପରି କାର୍ଯ୍ୟ କରୁଛି ବୋଲି କହିଛନ୍ତି ମୋହନ ମାଝି । ସେହିଭଳି କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି, ରାଜ୍ୟରେ ଯୁବକ ଯୁବତୀମାନେ ଚାକିରି ନ ପାଇ ମାଓବାଦୀ ସଂଗଠନରେ ସାମିଲ ହେଉଛନ୍ତି । ବିଭିନ୍ନ ଆଇଟି ଶିଳ୍ପକୁ ୫୦ ଏକର ଜାଗା ଭୁବନେଶ୍ୱରରେ ଦିଆଗଲା । ସବୁ ସୁବିଧା ସୁଯୋଗ ଯୋଗାଇ ଦିଆଗଲା । ମାତ୍ର ୧୫ ପ୍ରତିଶତ ଓଡ଼ିଆ ପିଲାଙ୍କୁ ନିଯୁକ୍ତି ମିଳିଛି । ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗଞ୍ଜାମରୁ ଅଧିକ ଲୋକ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ରାଜ୍ୟରେ ନିଯୁକ୍ତି କେବଳ କାଗଜ କଲମରେ ଚାଲିଛି । ମନ୍ତ୍ରୀ ବିଧାନସଭାରେ ଗୋଲାପି ଚିତ୍ର ଦେଖାଉଛନ୍ତି । ସେହିଭଳି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବାକୁ ଯାଇ ତାରା କହିଛନ୍ତି, ସରକାର ବର୍ଷକୁ ୨ କୋଟି ଚାକିରି ଦେବେ ବୋଲି କହିଥିଲେ । ଆଉ ସେହି ହିସାବରେ ୭ ବର୍ଷରେ ୧୪ କୋଟି ଚାକିରି ସରକାର ଦେବା କଥା । କିନ୍ତୁ କେନ୍ଦ୍ର ସରକାରଙ୍କ ସେହି ପ୍ରତିଶ୍ରୁତି କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି ତାରା । ଅନ୍ୟପଟେ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି, ରାଜ୍ୟ ସରକାର ଯୁବକଯୁବତୀମାନଙ୍କ ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ଆଇଟିଆଇ, ପଲିଟେକ୍‌ନିକ ଓ ଇଂଜିନିୟରିଂ ତାଲିମରେ ପ୍ରୋତ୍ସାହିତ କରାଯାଉଛି । ୪୯ଟି ସରକାରୀ ଆଇଟିଆଇରେ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ ପ୍ରତିଷ୍ଠା କରାଯାଇଛି । ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ ପାଇଁ ସରକାର ବଦ୍ଧ ପରିକର ବୋଲି ଦକ୍ଷତା ଓ ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଉତ୍ତରରେ କହିଛନ୍ତି ।

## ଗଗନଯାନ ମିଶନ ପାଇଁ ତାଲିମ...

ମହାକାଶଚାରୀଙ୍କ ମଧ୍ୟରେ ଓଡ଼ିଶାର ନିଖିଳ ରଥ ଅଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ କିମ୍ବା ଦୁଇଜଣଙ୍କୁ ଗଗନଯାନ ମାଧ୍ୟମରେ ମହାକାଶକୁ ପଠାଯିବ ।

ଏହି ପାଇଲଟମାନେ ଋଷିଆର ରାଷ୍ଟ୍ରୀୟ ମହାକାଶ ସଂସ୍ଥା ରସକସମସରେ ଗତ ୧୧ ମାସ ଧରି ଜେନେରାଲ ସ୍ପେଶ୍ ତାଲିମ ନେଉଥିଲେ । ଏହି ତାଲିମ ଶେଷ ହେବା ପରେ କିଛିଦିନ ତଳେ ରସକସମସର ମହାନିର୍ଦ୍ଦେଶକ ସେମାନଙ୍କୁ ଭେଟିଥିଲେ । ଏହି ଅବସରରେ ମସ୍କୋରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଭେଙ୍କଟେସ ବର୍ମା ମଧ୍ୟ ଉପସ୍ଥିତ ଥିଲେ । ଗଗନଯାନ ପ୍ରକଳ୍ପ ଲାଗି କେନ୍ଦ୍ର କ୍ୟାବିନେଟ ପୂର୍ବରୁ ୧୦ ହଜାର କୋଟି ଟଙ୍କା ମଞ୍ଜୁର କରିସାରିଛନ୍ତି । ୨୦୧୯ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ସମ୍ପର୍କରେ ଘୋଷଣା କରିଥିଲେ । ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ଗଗନଯାନ ଅଭିଯାନ ଆରମ୍ଭ କରାଯିବ ।

## ଗ୍ରୀଷ୍ମ ଋତୁରେ ଉଭୟ ସହରାଞ୍ଚଳ ...

ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏବର୍ଷ ଶୀଘ୍ର ଗ୍ରୀଷ୍ମ ଋତୁ ଆସିଥିବାରୁ ଏବଂ ଏବର୍ଷ ପୂର୍ବାପେକ୍ଷା ଅଧିକ ଗରମ ହେବାର ସମ୍ଭାବନା ଥିବାରୁ ଆମକୁ ଅଧିକ ପ୍ରସ୍ତୁତି କରିବାକୁ ପଡିବ । ନିୟମିତ ପାନୀୟ ଜଳ ସମସ୍ୟା ଥିବା ହଟ୍‌ସ୍ପଟ୍ ଅଞ୍ଚଳ ଗୁଡିକୁ ଚିହ୍ନଟ କରି ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଲୋକଙ୍କ ଅଭିଯୋଗର ଶୁଣାଣି ପାଇଁ ଏକ ତ୍ରୁଟିଶୂନ୍ୟ ଅଭିଯୋଗ ଶୁଣାଣି ବ୍ୟବସ୍ଥା ସହିତ ବୈଷୟିକ ଜ୍ଞାନସମ୍ପନ୍ନ ତଦାରଖ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବରିଷ୍ଠ ଅଧିକାରୀମାନେ ପାନୀୟ ଜଳ ଯୋଗାଣକୁ ତଦାରଖ କରି ଅବହେଳା କରୁଥିବା ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




**କଟକ(ଏନ୍.ଏମ୍.):** କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଆଇନ୍ ସହାୟତା ବିଷୟରେ ସ୍ଥାନୀୟ ଯୋବ୍ରା ମୁରାଦ ଖାଁ ପାଟନା ସ୍ଥିତ ଜନ କଲ୍ୟାଣ ସମିତି ସଭା ଗୃହରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରାଧିକରଣର ସଚିବ ସ୍ୱୟମ୍ପ୍ରଭା ଆଚାର୍ଯ୍ୟ ଯୋଗ ଦେବା ସହିତ ଅତିରିକ୍ତ ଜିଲ୍ଲାଜଜ୍ ଗୁଣ୍ଡିଚା ସାମନ୍ତସିଂହାର (ଜଜ୍ ଏସି, ଏସ୍‌ଟି) ଯୋଗ ଦେଇଥିଲେ । ଆଇନ୍‌ରେ ସରକାରଙ୍କ କି କି ସହାୟତା ଅଛି ସେ ବିଷୟରେ ଲୋକଙ୍କୁ ବୁଝାଇ ସହିତ, ଆଇନ୍ ବଞ୍ଚିତ ହେଲେ ସେମାନେ କିପରି ପ୍ରାଧିକରଣ ମାଧ୍ୟମରେ ମାଗଣା ଆଇନ୍ ସେବା ପାଇପାରିବେ ସେ ନେଇ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାଜର୍ଜ ଓ ଆଇନସେବା ପ୍ରାଧିକରଣ ସଚିବ ଲୋକମାନଙ୍କ ଠାରୁ ସେମାନଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ଏହି କାର୍ଯ୍ୟକ୍ରମକୁ ପିଏଲ୍‌ଭି ଲୋକନାଥ ଶତପଥୀ, ଶର୍ମିଷ୍ଠାରାଣୀ ନନ୍ଦ ଓ ଅକ୍ଷୟ ନାୟକ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଏରସମା(ଏନ୍.ଏମ୍.):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିପ୍ପଳ ମାଧବ ପଞ୍ଚାୟତ ବତିଲୋ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କିଶୋର ନାୟକଙ୍କ ୮୪ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ପ୍ରଫେସର ବିବେକାନନ୍ଦ ନାୟକ, ପୁତ୍ରବଧୂ ସୀମାରାଣୀ ନାୟକ, ଝିଅ-ଜ୍ୱାଇଁ, ବାରେଣୀ, ଅରୁଣୀ, ଅନିରୁଦ୍ଧ, ମନୋଜ, ପୁତୁରା ରାଜକିଶୋର, ବ୍ରଜକିଶୋର, ସନ୍ତୋଷ, ସୁବାସ, ପୁତୁରା ବୋହୂ ଅମି, ସବିତା,ନମିତା, ଭଣଜା ରମାକାନ୍ତ, ସରୋଜ, ଦୀପକ, ନାତି-ନାତୁଣୀ ଲୋରି, ଟିନି, ରୋନି ପ୍ରମୁଖଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ସ୍ୱର୍ଗତ ନାୟକ ଜଣେ ଛାତ୍ରବତ୍ସଳ, ଧର୍ମପରାୟଣ, ମିଷ୍ଟଭାଷୀ ବ୍ୟକ୍ତି ହୋଇଥିବାରୁ ତାଙ୍କ ପରଲୋକଗତ ଖବର ପାଇବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ମଞ୍ଚରେ କାର୍ଯ୍ୟକର୍ତ୍ତାଙ୍କ ପାଦ ଛୁଇଁଲେ ମୋଦୀ



**ନୂଆଦିଲ୍ଲୀ (ଏଜେନ୍ସି):** ପଶ୍ଚିମବଙ୍ଗର କାନ୍ଥିରେ ନିର୍ବାଚନୀ ରାଲି ସମୟରେ ମଞ୍ଚ ଉପରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି । ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବସିଥିଲେ, ଏହି ସମୟରେ ବିଜେପିର ଜଣେ କାର୍ଯ୍ୟକର୍ତ୍ତା ତାଙ୍କ ପାଦ ଛୁଇଁବା ଲାଗି ମଞ୍ଚକୁ ଆସିଥିଲେ । କିନ୍ତୁ ପ୍ରଧାନମନ୍ତ୍ରୀ ତାଙ୍କୁ ପାଦ ଛୁଇଁବାରୁ ରୋକିଥିଲେ ଏବଂ ନିଜେ ସେହି କାର୍ଯ୍ୟକର୍ତ୍ତାଙ୍କ ପାଦ ଛୁଇଁ ଅଭିବାଦନ କରିଥିଲେ । ପ୍ରଧାନମନ୍ତ୍ରୀ ଯେଉଁ ନେତାଙ୍କ ପାଦ ଛୁଇଁଥିଲେ ତାଙ୍କ ନାମ ହେଉଛି ଅନୁପ ଚକ୍ରବର୍ତ୍ତୀ । ଅନୁପ କାନ୍ଥିରେ ବିଜେପି ଅଧ୍ୟକ୍ଷ ଅଛନ୍ତି । ପ୍ରଧାନମନ୍ତ୍ରୀ ଅନୁପଙ୍କ ପାଦ ଛୁଇଁବା ସମୟରେ ସେଠାରେ କିଛି ନେତା ଏହାର ଭିଡିଓ ଉତ୍ତୋଳନ କରିଥିଲେ । ଏହାକୁ ସେମାନେ ଟ୍ୱିଟରରେ ଶେୟାର କରିଥିଲେ ।

### ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ଶତବାର୍ଷିକୀ

# କଟକ ରେଲଷ୍ଟେସନରୁ ବେଲଭ୍ୟୁ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା

**କଟକ(ଏନ୍.ଏମ୍.):** ଗାନ୍ଧିଜୀଙ୍କ କଟକ ଆଗମନର ଶତବାର୍ଷିକ ପରିପ୍ରେକ୍ଷୀରେ ରେଲୱେ ଷ୍ଟେସନ ଠାରେ ବହୁ ବିଶିଷ୍ଟ ଅତିଥିମାନେ ଏକତ୍ରିତ ହୋଇ ବିଭିନ୍ନ ଗାନ୍ଧୀପ୍ରେମୀ ଅନୁଷ୍ଠାନ ସହିତ ଜିଲ୍ଲା ପ୍ରଶାସନର ସହଯୋଗରେ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ଆବାହକତ୍ୱରେ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଏହି ଶୋଭାଯାତ୍ରା ରେଲୱେ ଷ୍ଟେସନ ଠାରୁ ବାହାରି ସହରର ବିଭିନ୍ନ ଅଞ୍ଚଳ ଦେଇ ବେଲଭ୍ୟୁ ଛକ ପର୍ଯ୍ୟନ୍ତ କରାଯାଇଥିଲା । ଏହି ଶୋଭାଯାତ୍ରାକୁ ସ୍ମରଣୀୟ କରିବା ପାଇଁ ବିଭିନ୍ନ ସଂଗଠନମାନେ ସ୍ୱତପ୍ରବୃତ ଭାବେ ଯୋଡି ହେଇଥିଲେ । ରାମଧୁନ ଏବଂ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ବାର୍ତ୍ତା ସହ ବିଭିନ୍ନ ପ୍ରଜ୍ଞାପନ ମେଢକୁ ଏହି ଶୋଭାଯାତ୍ରାରେ ସାମିଲ କରାଯାଇଥିଲା, ଏଥି ସହିତ ବିଭିନ୍ନ ଜିଲ୍ଲାର ପାରମ୍ପରିକ ନୃତ୍ୟ ପରିବେଷଣ ମଧ୍ୟ ଏହି ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା । ପୂର୍ବାହ୍ନରେ ବାଚସ୍ପତି ଡକ୍ଟର ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମେତ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ଇଂ.ମହମ୍ମଦ ମୋକିମ, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଅମର ପ୍ରସାଦ ଶତପଥୀ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସମୀର ଦେ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପ୍ରଭାତ ରଞ୍ଜନ ବିଶ୍ୱାଳ, ଗାନ୍ଧିବାଦୀ ପଦ୍ମଚରଣ ନାୟକ ତଥା ବହୁ ନେତୃମଣ୍ଡଳୀ ଓ ସହରର ବୁଦ୍ଧିଜୀବୀ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଶୋଭାଯାତ୍ରା ଆୟୋଜନରେ ସମସ୍ତ ସହଯୋଗ କରାଯାଇଥିବାବେଳେ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ ନିଜେ ଅଧିକାରୀମାନଙ୍କ ସହ ପଦଯାତ୍ରାରେ ସାମିଲ ହୋଇ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ଜଗନ୍ନାଥ ସେବା ଅନୁଷ୍ଠାନର ସହାୟତାରେ ଶୋଭାଯାତ୍ରା ସମୟରେ ପରିଷ୍କାର ପରିଚ୍ଛନତା ରକ୍ଷା କରିଥିଲେ । ସିଏମସି କମିଶନର ଅନନ୍ୟା ଦାସଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର, ଉପ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସିଡିଏମ ଡାକ୍ତର ସତ୍ୟବ୍ରତ ଛୋଟରାୟ ତଥା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ଓ ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ଏହି ଅବସରରେ ଅପରାହ୍ନରେ ସ୍ୱରାଜ ଆଶ୍ରମ ଠାରେ ସାଂସଦ ମହତାବଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ନବନିର୍ମିତ ସ୍ୱାଧୀନତା ସଂଗ୍ରାମୀ ଗୃହକୁ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦଘାଟନ କରାଯିବା ସହ ଏକ ଡାକ ଟିକଟ ଭରଚୁଆଲ ମାଧ୍ୟମରେ ଭାରତ ସରକାରଙ୍କ ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ସଞ୍ଜୟ ଧୋତ୍ରେଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଡାକ ଟିକଟ ପ୍ରସ୍ତୁତ ତଥା ଅନୁଷ୍ଠିତ ଅନ୍ୟାନ୍ୟ ସହଯୋଗ ପାଇଁ ଜଷ୍ଟିସ ମନୋରଞ୍ଜନ ମହାନ୍ତି ଓ କ୍ରିଷ୍ଣା ମହାନ୍ତିଙ୍କୁ ଅଶେଷ ଧନ୍ୟବାଦ ଦିଆଯାଇଥିଲା । ଏହି ଅବସରରେ ଜିଲ୍ଲାପାଳଙ୍କ ସମେତ ମୁଖ୍ୟ ମହା ଡାକପାଳ କର୍ଣ୍ଣେଲ ଜଲେଶ୍ୱର କାଁହାର, ସମ୍ବଲପୁର ରିଜିଅନର ମୁଖ୍ୟ ଡାକପାଳ ଲଳିତେନ୍ଦୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପରେ ରାମଧୁନ ଓ ଭଜନର ଆୟୋଜନ କରାଯାଇଥିଲା ।

# ଜବର ଦଖଲ ଉଚ୍ଛେଦ ଅଭିଯାନ ଜାରି

**ବାଲେଶ୍ୱର(ଏନ୍.ଏମ୍.):** ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସହରର ରାସ୍ତା ପାର୍ଶ୍ୱରୁ ଜବର ଦଖଲ ଉଚ୍ଛେଦ ସହ ଜୀବିକା ହରାଉଥିବା ଉଠା ଦୋକାନୀମାନଙ୍କୁ ଥଇଥାନ ବା ବିକଳ୍ପ ରୋଜଗାରର ବ୍ୟବସ୍ଥା ନକରିବରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଷ୍ଟେସନ ଛକଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କାରୋନା ମହାମାରିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ସାଧାରଣ ଲୋକ ନିଜ ଜୀବନ ଜୀବିକା ପାଇଁ ବେଶ ସଂଘର୍ଷ କରୁଛନ୍ତି । ଏଭଳି ପ୍ରତିକୂଳ ପରିସ୍ଥିତିରେ ଜବର ଦଖଲ ଉଚ୍ଛେଦ କେତେ ଯଥାର୍ଥ ଲୋକେ ପ୍ରଶ୍ନ ଉଠାଉଛନ୍ତି । ଗରିବ ସାଧାରଣ ଲୋକଟିଏ ଯେଉଁଠି ପେଟ ପୋଷିବା ପାଇଁ ଦୋକାନଟିଏ ବସାଇଛି ସେହିଠାରେ ପ୍ରଶାସନ ଦାଉ ସାଜୁଛି । ରବିବାର ଅପରାହ୍ନରେ ଓଟି ରୋଡ଼ର ଆଇଟିଆଇ ଛକରୁ ତାମୁଲିଆ ଓଭରବ୍ରିଜ ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ ହେଉଥିବା ବେଳେ ପ୍ରଶାସନକୁ ଘେରି ଅଭିଯୋଗ କରିଥିଲେ ଜନତା । ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ପ୍ରଶାସନର ଏପରି ନୀତିକୁ ବିରୋଧ କରି ରାଜରାସ୍ତା ଉପରେ ପୁଲିସ-ଜନତା ମୁହାଁମୁହିଁ ହୋଇଥିଲେ । ସୂଚନା ଥାଉକି ସହରର ମୁଖ୍ୟ ରାସ୍ତା ଓଟି ରୋଡ଼ ପାର୍ଶ୍ୱରେ ଭେଣ୍ଡିଂଜୋନ ଓ ସୌନ୍ଦର୍ଯ୍ୟୀକରଣ ପାଇଁ ସରକାରଙ୍କ ତରଫରୁ ଯୋଜନା କରାଯାଇଛି । ଏଥି ପାଇଁ ପ୍ରଶାସନ ପକ୍ଷରୁ ତାମୁଲିଆ ଓଭରବ୍ରିଜ ଠାରୁ ଫକୀର ମୋହନ ଗୋଲେଇ ଦେଇ ରେମୁଣା ଗୋଲେଇ ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କରାଯିବାକୁ ନିଷ୍ପତି ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଜିଲ୍ଲାରେ ଧାନ କିଣା ସମୀକ୍ଷା

**ବାଲେଶ୍ୱର(ଏନ୍.ଏମ୍.):** ଚଳିତ ବର୍ଷ ଖରିଫ ଧାନ କିଣାରେ ବ୍ୟାପକ ଅନିୟମିତତା, ପ୍ରିୟାପ୍ରିତୀ, ତୋଷଣ ଓ ଦୁର୍ନୀତି ହୋଇଥିବାର ଅଭିଯୋଗ ସମଗ୍ର ଜିଲ୍ଲାରୁ କ୍ରମାଗତ ଭାବରେ ଆସୁଥିବାରୁ ଏହାର ସମାଧାନ ପାଇଁ ବାଲେଶ୍ୱରର ସାଂସଦ କେନ୍ଦ୍ରମନ୍ତ୍ରୀ ମାନ୍ୟବର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲେଶ୍ୱର ଜିଲ୍ଲାପାଳ, ଯୋଗାଣ ଅଧିକାରୀ, ଡ଼ିଆରସିଏସ, ସମସ୍ତ ଏମଆଇ, ଏଆରସିଏସ ଓ ଆରଏମସି ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଜିଲ୍ଲା ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ପ୍ରକୃତ ଚାଷୀମାନେ ଅଦ୍ୟାବଧି ଧାନ ବିକ୍ରି କରି ପାରୁନଥିବାରୁ ଚାଷୀ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି । ଜିଲ୍ଲାରେ ମୋଟ ୭୯ ହଜାର ୬ ଶହ ୪୫ ପଞ୍ଜିକୃତ ଚାଷୀଥିଲା ବେଳେ ମାତ୍ର ୪୮ହଜାର ଚାଷୀ ଧାନ ବିକ୍ରି କରିପାରିଛନ୍ତି । ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୬୧% ପ୍ରତିଶତ ଧାନ କିଣା ଜିଲ୍ଲାର ନୈରାଶ୍ୟ ଜନକ ସ୍ଥିତିକୁ ଦର୍ଶାଉଥିବାର ଶ୍ରୀଯୁକ୍ତ ଷଡ଼ଙ୍ଗୀ ବୈଠକରେ କ୍ଷୋଭ ପ୍ରକାଶ କରି କହିଛନ୍ତି । ଚାଷୀଙ୍କ ନାମରେ ଟୋକନ ଜାରି ହୋଇଥିଲେ ମଧ୍ୟ ସେମାନେ ଧାନ ବିକ୍ରି କରିପାରୁ ନାହାନ୍ତି । କିନ୍ତୁ ଅଣ ଚାଷୀମାନେ ସୋସାଇଟିରେ ରେଜିଷ୍ଟ୍ରେସନ ଧାନ ବିକୁଛନ୍ତି । କିଛି ଚାଷୀ ସିଧାସଳଖ ମିଲରଙ୍କ ପାଖରେ ଧାନ ବିକୁଥିବାର ପ୍ରମାଣ ହସ୍ତଗତ ହୋଇଛି । ଏସବୁର ତୁରନ୍ତ ସମାଧାନ ପାଇଁ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ସୋସାଇଟି ମଣ୍ଡିମାନଙ୍କରେ ହୋଇଥିବା ଦୁର୍ନୀତିକୁ ତଦନ୍ତ କରି ତୁରନ୍ତ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ପାନୀୟ ଜଳ ଯୋଜନାରେ ଦୁର୍ନୀତି ଅଭିଯୋଗ

**ବାଲେଶ୍ୱର(ଏନ୍.ଏମ୍.):** ଔପଦା ବ୍ଲକ ଅଧିନସ୍ଥ ଶ୍ୟାମସୁନ୍ଦର ପୁର ପଞ୍ଚାୟତ କୁଳିଗୋଡ଼ି ଡ଼ାକବଙ୍ଗଳା ନିକଟରେ ବସୁଧା ଯୋଜନାରେ କାର୍ଯ୍ୟକ୍ଷମ ହୋଇଥିଲା ପାନୀୟ ଜଳ ପ୍ରକଳ୍ପ । ସେହି ଅଞ୍ଚଳର ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ କୁଳିଗୋଡ଼ି ଗ୍ରାମରେ ମଧ୍ୟ ପାଣି ଟାଙ୍କି ନିର୍ମାଣ କରାଯାଇଛି । ହେଲେ ଜଳ ଯୋଗାଣ ପାଇଁ ପଡ଼ିଥିବା ପାଇପ ଗୁଡ଼ିକ ଅଳ୍ପ ଦିନ ମଧ୍ୟରେ ଫାଟି ଯିବାରୁ ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି । ଏବାବଦରେ ଶ୍ରୀଦେଇପୁର ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇବାରୁ ତାଙ୍କର ଏସମ୍ପର୍କରେ କୌଣସି ଧାରଣା ନଥିବା ସେ କହିଛନ୍ତି । ଅନ୍ୟ ପକ୍ଷରେ ବହୁ ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ପାଣି ଟାଙ୍କିରେ ଫଳକ ଲଗାଯାଇନାହିଁ । ତେଣୁ ଏଥିରେ ଦୁର୍ନୀତି ହୋଇଥିବା ଗ୍ରାମବାସୀମାନେ ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି ।

### ଡ୍ରେନେଜ୍ ଡିଭିଜନର କାର୍ଯ୍ୟ ଉପରେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମୀକ୍ଷା

# ଅନୁଦାନ ଅଭାବରୁ ଆଗେଇ ପାରୁନି ପ୍ରକଳ୍ପ କାର୍ଯ୍ୟ

**କଟକ(ଏନ୍.ଏମ୍.):** କଟକ ଜିଲ୍ଲା ଡ୍ରେନେଜ୍ ଡିଭିଜନ ଅଧିନରେ ଚଳିତ ୨୦୨୦-୨୧ ଆର୍ଥିକ ବର୍ଷରେ ଚାଲୁ ରହିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ସର୍ବୋଚ୍ଚ ଯନ୍ତ୍ରୀ ବିକ୍ରମ କେଶରୀ ସ୍ୱାଇଁ ସମୀକ୍ଷା କରିଛନ୍ତି । ମୁଖ୍ୟତଃ ଚୁକ୍ତି ଅନୁଯାୟୀ ଚାଲୁ ରହିଥିବା କାର୍ଯ୍ୟର ତ୍ୱରାନ୍ୱିତ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ସେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ହେଲେ ଆସନ୍ତା ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ଡିଭିଜନ ପାଇଁ ପ୍ରାୟ ୪୮୧ କୋଟି ୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ଜିଲ୍ଲାରେ ରହିଥିବା ୨୭ଟି ପ୍ରକଳ୍ପର କାର୍ଯ୍ୟ ସମ୍ପନ୍ନ ପାଇଁ ପ୍ରସ୍ତାବ ରହିଥିଲେ ହେଁ ଆର୍ଥିକ ଅନୁଦାନର ବିଳମ୍ବ ଓ ବୈଷୟିକ ମଞ୍ଜୁରି କମିଟି(ଟିଏସି)ର ସ୍ୱୀକୃତ ନଥିବାରୁ ଡ୍ରେନେଜ ଡିଭିଜନର ଉନ୍ନୟନ ମୂଳକ କାର୍ଯ୍ୟ ଆଗେଇ ପାରୁନାହିଁ । ତେବେ ମୁଖ୍ୟ ଯନ୍ତ୍ରୀ ସ୍ୱାଇଁ ୮୭.୭୮ ଲକ୍ଷ ବ୍ୟୟ ଅଟକଳରେ ଗୋବିନ୍ଦପୁର, ଜହ୍ଲାରପୁର, ଅଡଶପୁର, ବଇରୋଇ ଓ ନିଆଳି ଅଞ୍ଚଳର ପ୍ରାଚୀ ନଦୀର ସ୍ଲୋପ୍ ପ୍ରୋଟେକ୍ସନ, ୮୪.୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧିନ ସଇନ୍ଦା-ମହୁରା କେନାଲର ଉନ୍ନତିକରଣ, ୩୦୧.୩୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମାହାଙ୍ଗା ଅଞ୍ଚଳର ହଳଦିଆ ଗ୍ରାମ ପଂଚାୟତର ନିର୍ମାଣାଧିନ ସ୍ଲୁଇସ୍, ୧୪୮.୦୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବାଙ୍କି ଓ ତିଗିରିଆ ଅଂଚଳର ହୁଲୁହୁଲା କେନାଲ, ବଡମ୍ବା ଅଞ୍ଚଳରେ ୧୦୧.୧୪ ଲକ୍ଷ ବିନିଯୋଗରେ ନିର୍ମାଣାଧିନ ଜୟମଙ୍ଗଳା-ପଡାମାଳ କେନାଲ ଉପରେ ସମୀକ୍ଷା କରିଥିଲେ ।

ସେହିଭଳି କଟକ ସଦର ଅଞ୍ଚଳର ସୁକ ପାଇକା ଚେକ୍ ଡ୍ୟାମ୍, ୪୨ ମୌଜାର ମାଳିଆ ଡ୍ରେନେଜ୍ ସିଷ୍ଟମ୍, ନିମେଇଶାପୁରର ଚାଲୁ ରହିଥିବା ୬୦.୯୭ ଲକ୍ଷ ଟଙ୍କା ବ୍ୟୟରେ କେନାଲ ସିଷ୍ଟମର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ । ଏହି ବୈଠକରେ ଅଧିକ୍ଷଣ ଯନ୍ତ୍ରୀ ତରଣୀସେନ ଧଳ, ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ନାୟକଙ୍କ ସହିତ ସହକାରୀ ଓ କନିଷ୍ଠ ଯନ୍ତ୍ରୀମାନେ ଯୋଗଦେଇଥିଲେ । ହେଲେ କଟକ ସହର ପାଇଁ ଗତ ୨୦୧୯-୨୦ରେ ପେଟାନାଳର ଉନ୍ନତିକରଣ, ସିଡିଏର ଖରସୁଆଁ ଡ୍ରେନେଜ୍ ଚାନେଲ ଓ ଜଗତପୁରର ୪୮ ଓ ୪୯ ନମ୍ବର ୱାର୍ଡ ମୁଖ୍ୟ ଡ୍ରେନ ନିର୍ମାଣ ପାଇଁ ୧୯୦୫୪.୩୨ ଲକ୍ଷ ଟଙ୍କା ପାଇଁ ବ୍ୟୟ ଅଟକଳ କରାଯାଇଥିଲେ ମଧ୍ୟ ଟିଏସିର ମଞ୍ଜୁର ନଥିବାରୁ ଏହି କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି ଜଣାଯାଇଛି । ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୭ ତାରିଖରେ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା ପରିଷଦର ବୈଠକରେ ପରିଷଦର ସଦସ୍ୟ ଓ ସଦସ୍ୟାମାନେ ସେମାନଙ୍କର ଅଞ୍ଚଳରେ ରହିଥିବା ଡ୍ରେନେଜ୍ ସିଷ୍ଟମ୍‌ର ଅବ୍ୟବସ୍ଥା ନେଇ ହୋ-ହଲ୍ଲା କରିଥିଲେ । ତେବେ ଆର୍ଥିକ ଅନୁଦାନ ଏହାର ମୁଖ୍ୟ କାରଣ ସାଜିଥିବା ବିଭାଗ ପକ୍ଷରୁ କୁହାଯାଉଛି ।

# ଡକ୍ଟର ଶ୍ୟାମ ସୁନ୍ଦର ମିଶ୍ରଙ୍କ ସାରସ୍ୱତ ସାଧନା ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି



**କଟକ(ଏନ୍.ଏମ୍.):** ଓଡ଼ିଆ ପ୍ରବନ୍ଧ ସାହିତ୍ୟ, ଉପନ୍ୟାସ, କବିତା, ରମ୍ୟରଚନା ଓ ଅନୁବାଦ ସାହିତ୍ୟ ଡକ୍ଟର ଶ୍ୟାମ ସୁନ୍ଦର ମିଶ୍ରଙ୍କ ସାରସ୍ୱତ ସାଧନାରେ ସମୃଦ୍ଧ । ଜଣେ ଛାତ୍ର ବତ୍ସଳ ଅଧ୍ୟାପକ ଭାବେ ସେ ସୁପରିଚିତ ଥିଲେ । ବିଭିନ୍ନ ସାରସ୍ୱତ ସଂଗଠନର ବିକାଶରେ ତାଙ୍କର ଭୂମିକା ଥିଲା ଉଲ୍ଲେଖଯୋଗ୍ୟ ବୋଲି କଟକ ଲେଖକ ସହଯୋଗ ସମିତି ଓ ହାସ୍ୟ ବିକାଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି ।

ହାସ୍ୟ ବିକାଶ କେନ୍ଦ୍ରର ସଂପାଦକ ତଥା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଓଡ଼ିଆ ପରାମର୍ଶ ଦାତା ପରିଷଦର ଆବାହକ ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହଙ୍କର ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କଟକ ଲେଖକ ସହଯୋଗ ସମିତିର ସମ୍ପାଦକ କଥାକାର ରଘୁନାଥ ମହାପାତ୍ର, କଟକ ଜିଲ୍ଲା ଉତ୍କଳ ସମ୍ମିଳନୀର ସଭାପତି ମହମ୍ମଦ କମ୍‌ରୁଲ୍ ହୁସେନ୍, ପ୍ରଫେସର ଡକ୍ଟର ସୁଦର୍ଶନ ପଟ୍ଟନାୟକ, ଅଶ୍ୱିନୀ କୁମାର ସେଠୀ, ଶିବାଶିଷ କର ଓ ଶିଶୁସାହିତ୍ୟ ଲେଖକ ସମ୍ମେଳନ ସାଧାରଣ ସଂପାଦକ ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ସ୍ତୁତିଚାରଣ କରି ଡକ୍ଟର ଶ୍ୟାମ ସୁନ୍ଦର ମିଶ୍ରଙ୍କ ସରଳ ଜୀବନ, ସାରସ୍ୱତ ସାଧନା ଓ ସଂଗଠନିକ ଦକ୍ଷତା ବିଷୟରେ ଆଲୋକପାତ କରିଥିଲେ । ଉଭୟ ହାସ୍ୟ ବିକାଶ କେନ୍ଦ୍ର ଓ କଟକ ଲେଖକ ସହଯୋଗ ସମିତି ଗଠନରେ ତାଙ୍କର ଭୂମିକା ଥିଲା । ପ୍ରବନ୍ଧ, ରମ୍ୟରଚନା ଓ ଅନୁବାଦ ସାହିତ୍ୟ କ୍ଷେତ୍ରରେ ତାଙ୍କର କୃତିତ୍ୱ ତାଙ୍କୁ ଓଡ଼ିଆ ସାହିତ୍ୟ ଇତିହାସରେ ସ୍ମରଣୀୟ କରି ରଖିବ ବୋଲି ବକ୍ତାମାନେ କହିଥିଲେ । ପ୍ରାରମ୍ଭରେ ଅଧ୍ୟାପକ ସାରଦା ପ୍ରସାଦ ମହାନ୍ତି ଶ୍ରୀମଦ୍ ଭଗବତ ଗୀତା ପାଠ ସହ ଡକ୍ଟର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତ ଭଣ୍ଡାରର ସ୍ଥାନାନ୍ତରଣ ନକରିବାକୁ ଦାବି




**କଟକ(ଏନ୍.ଏମ୍.):** କଟକ ଏସସିବି ମେଡିକାଲର ନବକଳେବର ପାଇଁ ବିଭିନ୍ନ ଜନବସତିଠାରୁ ଆରମ୍ଭ କରି ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟକୁ ଉଚ୍ଛେଦ ସହିତ ସ୍ଥାନାନ୍ତରଣ କରାଯାଉଛି । ସେଥିମଧ୍ୟରୁ ୧୯୫୯ ମସିହାରେ ପ୍ରତିଷ୍ଠିତ ହୋଇଥିବା ଓଡିଶାର ସର୍ବପୁରାତନ ତଥା ପ୍ରଥମ ରେଡ୍‌କ୍ରସ ରକ୍ତ ଭଣ୍ଡାରଟି ସ୍ଥାନାନ୍ତର ତାଲିକାରେ ରହିଛି । ଯଦି ଏହାକୁ ସ୍ଥାନାନ୍ତର କରାଯାଏ ତାହାଲେ ଏହା ବ୍ୟାପକ ଭାବେ ରୋଗୀମାନଙ୍କ ଉପରେ ପ୍ରଭାବ ପକାଇବ । ବର୍ତ୍ତମାନ କଟକ ସହରରେ ୧୮୦ରୁ ଊର୍ଦ୍ଧ୍ୱ ଘରୋଇ ନର୍ସିଂହୋମ, ଶିଶୁଭବନ, ଆଚାର୍ଯ୍ୟ ହରିହର କ୍ୟାନସର ସେଂଟର, ସିଟି ହସ୍‌ପିଟାଲ ତଥା କଟକ ସଂଲଗ୍ନ ଯାଜପୁର, କେନ୍ଦ୍ରାପଡା, ଭୁବନେଶ୍ୱର, ଜଗତସିଂହପୁର ଆଦି ଜିଲ୍ଲାର ରୋଗୀମାନେ ଏହା ଉପରେ ନିର୍ଭର କରିଥାନ୍ତି । ଏତଦ୍‌ବ୍ୟତୀତ ୨୫ ରୁ ୩୦ ଥାଲସେମିଆ ରୋଗୀମାନେ ଦୈନିକ ରକ୍ତ ନେବା ସହିତ ୧୦ ରୁ ୧୫ ଥାଲସେମିଆ ରୋଗୀମାନେ ଏଠାରୁ ରକ୍ତ ନେଇ ଅନ୍ୟତ୍ର ଲଗାଇଥାନ୍ତି । ଏହି ରେଡ୍‌କ୍ରସ ରକ୍ତଭଣ୍ଡାରଟି କଟକ ଏସସିବି ମେଡିକାଲର ଅତି ନିକଟତର ଥିବାରୁ ଏଠାରେ ରେଗୀମାନେ ୨୪ଘଣ୍ଟିଆ ସେବା ପାଇପାରୁଛନ୍ତି । ରକ୍ତ ଭଣ୍ଡାର ପରିସରରେ କର୍ମଚାରୀଙ୍କ କ୍ୱାର୍ଟର ରହିଥିବାରୁ ଜରୁରୀ କାଳୀନ ସେବା ସହଜରେ ମିଳିପାରୁଛି । କ୍ରମାଗତ ଭାବେ ଲଗାତର ୫ବର୍ଷ ଧରି ସର୍ବାଧିକ ରକ୍ତ ସଂଗ୍ରହ ପାଇଁ ଏହି ରକ୍ତଭଣ୍ଡାରଟି ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସମ୍ମାନିତ ହୋଇପାରିଛି । କିନ୍ତୁ ବଡ ଦୁଃଖର ବିଷୟର ଯେଉଁମାନଙ୍କ ପାଇଁ ଏହା ଆଗେଇ ପାରୁଛି ସେହି ରକ୍ତଭଣ୍ଡାର କାର୍ଯ୍ୟରତ କର୍ମଚାରୀଙ୍କୁ ଆଜି ପର୍ଯ୍ୟନ୍ତ ସପ୍ତମ ବେତନ କମିସନ ପ୍ରଦାନ କରାଯାଇନାହିଁ । ଏଭଳି ପରିସ୍ଥିତିରେ ରକ୍ତଭଣ୍ଡାରକୁ ଏହି ସ୍ଥାନରେ ସମ୍ପ୍ରସାରଣ କରାଯିବା ପରିବର୍ତ୍ତେ ଯଦି ସ୍ଥାନାନ୍ତର କରାଯାଏ ତାହାଲେ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାର ସଭାପତି ବସନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ରବିନାରାୟଣ ସାହୁ, ସହ-ସମ୍ପାଦକ ପୃଥୀରାଜ ଉଦୟଭାନ ସୂଚନା ପ୍ରଦାନ କରିଛନ୍ତି ।




# ଓଡିଶାରେ ଖୋଲିବ ଦେଶର ପ୍ରଥମ ଚେସ ଏକାଡେମୀ




**ଭୁବନେଶ୍ୱର (ଏନ୍.ଏମ୍.):** ସର୍ବଭାରତୀୟ ଚେସ ମହାସଂଘର ନବନିର୍ବାଚିତ ଅଧକ୍ଷ ଡଃ ସଞ୍ଜୟ କାପୁର କହିଛନ୍ତି, ଓଡ଼ିଶାରେ ଦେଶର ପ୍ରଥମ ଚେସ ଏକାଡେମୀ ଖୋଲିବା ଯୋଜନା ଉପରେ ନିଷ୍ପତ୍ତି ନିଆଯାଇଛି । ଏହା ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ହେବ । ଏ ନେଇ ସହଯୋଗ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା ହେବ ବୋଲି ସେ କହିଛନ୍ତି । ଚେସ ଏକାଡେମୀ ପ୍ରତିଷ୍ଠା ସମ୍ପର୍କିତ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ସମ୍ଭାବ୍ୟ ପ୍ରୟାସ ଆରମ୍ଭ ହୋଇଛି । ଡକ୍ଟର କାପୁର କହିଛନ୍ତି ଯେ କିଟ ଏବଂ କିସ ଶିକ୍ଷାନୁଷ୍ଠାନ ଦେଶର ପ୍ରଥମ ଅନୁଷ୍ଠାନ ଭାବେ ଚଳିତ ଶିକ୍ଷାବର୍ଷରୁ ପାଠ୍ୟକ୍ରମରେ ଚେସକୁ ଅନ୍ତର୍ଭୁକ୍ତ କରିବ ।

ଡକ୍ଟର କାପୁର ଲୋକସଭା ସଦସ୍ୟ ତଥା କିଟ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ସହ ଭୁବନେଶ୍ୱରର ସାଣ୍ଡି ଟାୱାରରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ମହାସଙ୍ଘର ଅନ୍ୟ ଅଧିକାରୀମାନେ ମଧ ତାଙ୍କ ସହିତ ଥିଲେ । ସୂଚନାଯୋଗ୍ୟ ଯେ ଚେସ୍'ର ବିକାଶ ପାଇଁ ଡକ୍ଟର ସାମନ୍ତଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ତାଙ୍କ ବିଶ୍ୱବିଦ୍ୟାଳୟରୁ ଜଣେ ଗ୍ରାଣ୍ଡ ମାଷ୍ଟର ଅଛନ୍ତି ଓ ସେ ଆନ୍ତର୍ଜାତୀୟ ଟାଇଟଲ୍ ହାସଲ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଡକ୍ଟର କାପୁର କହିଛନ୍ତି ଯେ କିଟ୍ସ ଏବଂ କିସ୍ ଶିକ୍ଷାନୁଷ୍ଠାନରେ ପାଞ୍ଚରୁ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ହଜାର ହଜାର ଛାତ୍ର ଅଧ୍ୟୟନ କରନ୍ତି । ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ପ୍ରାୟ ୧୬ ଶହ ଚେସ ଖେଳାଳି ରାଜ୍ୟ, ଦେଶ ତଥା ବିଶ୍ୱରେ ସଫଳତା ଅର୍ଜନ କରିଛନ୍ତି । କେବଳ ଏତିକି ନୁହେଁ, ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଡକ୍ଟର ଅଚ୍ୟୁତ ସାମନ୍ତ ତାଙ୍କୁ କହିଛନ୍ତି ଯେ ଏହି ଶିକ୍ଷାନୁଷ୍ଠାନ ଚଳିତ ଶିକ୍ଷାବର୍ଷରୁ ଚେସକୁ ପାଠ୍ୟକ୍ରମରେ ସାମିଲ କରିବ । ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ଭାରତ ସରକାର ନୂତନ ଶିକ୍ଷା ନୀତିରେ ସ୍କୁଲରେ ଚେସ ଅନ୍ତର୍ଭୁକ୍ତ କରିଥିବାରୁ ସେ ଧନ୍ୟବାଦ ଦେଉଛନ୍ତି । ଏଥିପାଇଁ ଚେସ ମହାସଂଘ ତାଲିମ, ଶିକ୍ଷାଦାନ ଏବଂ ଶିକ୍ଷଣ କର୍ମଶାଳାକୁ ଉତ୍ସାହିତ କରିବ ଏବଂ ପ୍ରଶିକ୍ଷକ କିମ୍ବା ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ସହାୟତା ଚାହୁଁଥିଲେ ମହାସଂଘ ଶିକ୍ଷାନୁଷ୍ଠାନଗୁଡ଼ିକୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବ । ବୌଦ୍ଧିକ ବିକାଶ ସମ୍ପନ୍ନ ଏହି ଖେଳର ଫଳାଫଳ ସେତେବେଳେ ଜଣାପଡିବା ଯେତେବେଳେ ଛାତ୍ରଛାତ୍ରୀମାନେ ବିଶ୍ୱରେ ଭାରତର ପ୍ରତିନିଧିତ୍ୱ କରିବେ । ସାମ୍ବାଦିକ ସମ୍ମିଳନୀରେ ସାଂସଦ ତଥା କିଟ ଏବଂ କିସର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ, ଚେସ ମହାସଂଘ ସଚିବ ଭାରତ ସିଂ ଚୌହାନ, ଉପାଧକ୍ଷ ଭାବେଶ ପଟେଲ, କୋଷାଧକ୍ଷ ନରେଶ ଶର୍ମା, ଓଡ଼ିଶା ଚେସ ଆସୋସିଏସନ ସଭାପତି ଗଂଜନ ମହାନ୍ତି ଓ ସଚିବ ଦେବବ୍ରତ ଭଞ୍ଜ ମଧ ଉପସ୍ଥିତ ଥିଲେ । ଏହାପୂର୍ବରୁ ବିମାନବନ୍ଦରରେ ଡକ୍ଟର ସଞ୍ଜୟ କାପୁର ଏବଂ ମହାସଂଘ କର୍ମକର୍ତ୍ତାମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ।

# ଜନ୍ମଦିନ ପୂର୍ବରୁ କ୍ରୁନାଲ ପାଣ୍ଡ୍ୟାଙ୍କ ରେକର୍ଡ, ଦ୍ରୁତତମ ଅର୍ଦ୍ଧଶତକ ପିତାଙ୍କୁମନେ ପକାଇ ପଡ଼ିଆରେ ଭରପୂର କାନ୍ଦିଲେ କ୍ରୁନାଲ ପାଣ୍ଡ୍ୟା




**ନୂଆଦିଲ୍ଲୀ(ଏଜେନ୍ସି):** ଭାରତ ଏବଂ ଇଂଲଣ୍ଡ ମଧରେ ପ୍ରଥମ ଦିନିକିଆରେ କ୍ରୁନାଲ ପାଣ୍ଡ୍ୟା ଡେବ୍ୟୁ କରିଥିଲେ । ତା'ପରେ ସେ ଅପରାଜିତ ଦ୍ରୁତତମ ଅର୍ଦ୍ଧଶତକ ମାଧ୍ୟମରେ ଓଡିଆଇରେ ଆନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଛନ୍ତି । ୭ ନମ୍ବରରେ ବ୍ୟାଟିଂ କରି କ୍ରୁନାଲ ପାଣ୍ଡ୍ୟା ୩୧ ଟି ବଲରୁ ଅପରାଜିତ ୫୮ ରନ୍ ସଂଗ୍ରହ କରି ସାତଟି ଚୌକା ଓ ଦୁଇଟି ଛକା ସହ ଏହି ରନ୍ ସଂଗ୍ରହ କରି ଅପରାଜିତ ରହିଥିଲେ । ସେ ଏହି ଇନିଂସକୁ ତାଙ୍କ ପିତାଙ୍କ ନିକଟରେ ଉତ୍ସର୍ଗ କରିଛନ୍ତି । ଭାରତର ଇନିଂସ ପରେ ସେ ଭାବପ୍ରବଣ ହୋଇଥିଲେ । ଏହି କାରଣରୁ, କ୍ରୁନାଲ ଷ୍ଟାର ସ୍ପୋର୍ଟସ ସହିତ ମଧ କଥା ହୋଇ ପାରିନଥିଲେ । ସାନଭାଇ ହାର୍ଦ୍ଦିକ ପାଣ୍ଡ୍ୟା କ୍ରୁନାଲଙ୍କୁ ଆଲିଙ୍ଗନ କରି ସମର୍ଥନ କରିଥିଲେ । ଉଭୟ କ୍ରୁନାଲ ଏବଂ ହାର୍ଦ୍ଦିକ ସେମାନଙ୍କ ପିତାଙ୍କ ସହ ଅତି ନିକଟତର ହୋଇଥିଲେ । ଫେବୃଆରୀରେ ତାଙ୍କ ପିତା ହିମାଂସୁ ପାଣ୍ଡ୍ୟାଙ୍କ ଦେହାନ୍ତ ହୋଇଥିଲା । ଏହି କାରଣରୁ କ୍ରୁନାଲଙ୍କୁ ସୟଦ ମୁସ୍ତାକ ଅଲି ଟ୍ରଫି ମଝିରେ ଛାଡିବାକୁ ପଡିଥିଲା । ବିଜୟ ହଜାରେ ଟ୍ରଫିରେ ତାଙ୍କର ଚମତ୍କାର ପ୍ରଦର୍ଶନ ହେତୁ କ୍ରୁନାଲ ପାଣ୍ଡ୍ୟା ଇଂଲଣ୍ଡ ବିପକ୍ଷ ଓଡିଆଇ ସିରିଜରେ ମନୋନୀତ ହୋଇଥିଲେ । ସେ ପୁଣେରେ ପ୍ରଥମ ଓଡିଆଇ ସହ ଡେବ୍ୟୁ କରିଥିଲେ । ସାନଭାଇ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କୁ ଓଡିଆଇ କ୍ୟାପ୍ ଦେଇଥିଲେ । ଏହି ସମୟରେ ମଧ କ୍ରୁନାଲ ମଧ ଭାବପ୍ରବଣ ହୋଇଥିଲେ । ତଥାପି, ହାର୍ଦ୍ଦିକ ତାଙ୍କୁ ଆଲିଙ୍ଗନ କରି ଶାନ୍ତ କଲେ । ଏହା ପରେ କ୍ରୁନାଲ ବ୍ୟାଟିଂ ପାଇଁ ସାତ ନମ୍ବରରେ ଅବତରଣ କରିଥିଲେ । ସେତେବେଳେ ଭାରତ ୪୧ ତମ ଓଭରରେ ପାଞ୍ଚଟି ୱିକେଟ୍ ହରାଇ ୨୦୫ ରନ୍ କରି ସଂଘର୍ଷ କରୁଥିଲା । ସେତେବେଳେ ଟିମ୍ ଇଣ୍ଡିଆ ପାଇଁ ୩୦୦ ରନ୍ ପହଞ୍ଚିବା କଷ୍ଟକର ମନେ ହେଉଥିଲା । କିନ୍ତୁ କ୍ରୁନାଲ, କେ.ଏଲ୍ ରାହୁଲଙ୍କ ସହ ଇନିଂସରେ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ । କ୍ରୁନାଲ ତାଙ୍କର ପ୍ରଥମ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି । ଏହି ମ୍ୟାଚରେ ସେ ନିଜ ଇନିଂସର ୨୬ ତମ ବଲରେ ୫୦ ରନ୍ ପୂରଣ କରିଥିଲେ । ଏହା ସହ ସେ ଏକ ଓଡିଆଇ ଡେବ୍ୟୁ ମ୍ୟାଚରେ ଦ୍ରୁତତମ ଅର୍ଦ୍ଧଶତକୀୟ ବ୍ୟାଟ୍ସମ୍ୟାନ୍ ହୋଇପାରିଛନ୍ତି । ସେ ଟମ କୁରାନଙ୍କ ବଲରୁ ଗୋଟିଏ ରନ୍ ନେଇ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ସେ କେଏଲ ରାହୁଲଙ୍କ ସହ ଷଷ୍ଠ ୱିକେଟ୍ ପାଇଁ ୧୧୨ ରନ୍ ଭାଗିଦାରୀ କରିଥିଲେ । ଏହି ଦୁଇ ବ୍ୟାଟ୍ସମ୍ୟାନ୍ ୬୧ ବଲରୁ ଏତେ ରନ୍ ଯୋଡିଥିଲେ ଏବଂ ୫୦ ଓଭରରେ ପାଞ୍ଚ ୱିକେଟ୍ ହରାଇ ଭାରତକୁ ମୋଟ ୩୧୭ ସ୍କୋରରେ ପହଁଚାଇପାରିଥିଲେ । ତେବେ ଭାରତର ଇନିଂସ ପରେ ମଧ ସେ ବହୁତ ଭାବପ୍ରବଣ ହୋଇଥିଲେ । ଯେତେବେଳେ ଷ୍ଟାର୍ ସ୍ପୋର୍ଟସ୍ ତାଙ୍କୁ ତାଙ୍କ ଇନିଂସ ବିଷୟରେ କହିବାକୁ ଡାକିଲେ, କ୍ରୁନାଲ କିଛି କହିପାରିଲେ ନାହିଁ । ସେ ଭାବପ୍ରବଣ ହେଲେ । ସେ ତାଙ୍କ ପିତାଙ୍କପାଇଁ ଏହି ଅର୍ଦ୍ଧଶତକ ଉତ୍ସର୍ଗ କରିଥିଲେ । କିନ୍ତୁ ଏହା ପରେ ସେ କିଛି କହିପାରିଲେ ନାହିଁ । ସମୀକ୍ଷକ ମୁରଲୀ କାର୍ତ୍ତିକ ତାଙ୍କୁ ସମୟ ନେବାକୁ କହିଥିଲେ । କିନ୍ତୁ ବହୁ ଚେଷ୍ଟା ପରେ ମଧ କ୍ରୁନାଲ ତାଙ୍କ ଲୁହକୁ ରୋକି ପାରି ନଥିଲେ । ଏଭଳି ପରିସ୍ଥିତିରେ ସେ ଅଙ୍ଗଭଙ୍ଗୀ କରି କହିଥିଲେ ଯେ ସେ ପରେ କଥା ହେବେ । ତା'ପରେ ସେ ଚାଲିଯାଇଥିଲେ । ହାର୍ଦ୍ଦିକ କ୍ରୁନାଲଙ୍କୁ ପୁଣି ଆଲିଙ୍ଗନ କଲେ ଏବଂ ଦୁହେଁ ଦୀର୍ଘ ସମୟ ଧରି ଠିଆ ହୋଇ ରହିଥିଲେ ।

# ବର୍ତ୍ତମାନର ଭାରତୀୟ ଦଳ ସବୁଠାରୁ ଶ୍ରେଷ୍ଠ ଭାରତୀୟ ଦଳ- କ୍ଲାଇଭ ଲଏଡ

**ନୂଆଦିଲ୍ଲୀ(ଏଜେନ୍ସି):** ବିରାଟ କୋହଲିଙ୍କ ନେତୃତ୍ୱାଧୀନ ବର୍ତ୍ତମାନର ଭାରତୀୟ ଦଳ ସବୁଠାରୁ ଶ୍ରେଷ୍ଠ ଭାରତୀୟ ଦଳ ବୋଲି କହିଛନ୍ତି ଦୁଇ ଥର ବିଶ୍ୱକପ ବିଜେତା ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ କ୍ଲାଇଭ ଲଏଡ । ଏକ ଘରୋଇ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ଲଏଡ । ତାଙ୍କ ମତ ଅନୁସାରେ, ବର୍ତ୍ତମାନ ବିଶ୍ୱ କ୍ରିକେଟର ତିନୋଟି ଫର୍ମାଟରେ ଭାରତ ଚମତ୍କାର ପ୍ରଦର୍ଶନ କରୁଛି । ଏହି ଦଳରେ ବିଭିନ୍ନ ପ୍ରତିଭାବାନ ଖେଳାଳି ଅଛନ୍ତି ଏବଂ ପୂର୍ବରୁ ଖେଳିଥିବା ଭାରତୀୟ ଖେଳାଳିଙ୍କ ତୁଳନାରେ ବହୁତ ଫିଟ ଏବଂ ପ୍ରଫେସନାଲ ଅଛନ୍ତି ବୋଲି ଲଏଡ କହିଛନ୍ତି । ଏହା ସହ ଅଷ୍ଟ୍ରେଲିଆରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ଜିତିଥିବା ଭାରତୀୟ ଦଳକୁ ମଧ ସେ ପ୍ରଶଂସା କରିଛନ୍ତି । ଭାରତୀୟ ଦଳର ଫାଷ୍ଟ ବୋଲର ଜଶପ୍ରୀତ ବୁମ୍ରା ବାଉନ୍ସର , ୟାର୍କର ଏବଂ ସ୍ଲୋୟର ବଲ ପକାଇବାରେ ମାହିର । ବିଶେଷ ଭାବେ ଦଳ ଯେତେବେଳେ ବିପକ୍ଷ ଦଳର ବ୍ୟାଟସମାନ ଲମ୍ବା ପାର୍ଟନରସିପ କରିଥାନ୍ତି ବୁମ୍ରା ଏହି ପାର୍ଟନିରସିପ ଭାଙ୍ଗି ଦଳକୁ ବ୍ରେକ ଥ୍ରୁ ଦେବାରେ ସହାୟକ ହୋଇଥାନ୍ତି ବୋଲି ସେ କହିଛନ୍ତି ।

# ଜାତୀୟ ଉପକନିଷ୍ଠ ଅସିଚାଳନା ଉଦ୍‌ଘାଟିତ



**କଟକ (ଏନ୍.ଏମ୍.):** ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ୨୨ତମ ଜାତୀୟ ଉପକନିଷ୍ଠ ଅସିଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇ ଯାଇଛିଛି । କଟକ ଡିସିପି ପ୍ରତୀକ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଦୌଡ଼କୁଦ ସଂଘର ସମ୍ପାଦକ ଆଶୀର୍ବାଦ ବେହେରା, ଭାରତୀୟ ଅସିଚାଳନା ମହାସଂଘ ସମ୍ପାଦକ ବସିର ଅହମ୍ମଦ, ଓଡ଼ିଶା ରାଜ୍ୟ ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ହରି ପଟ୍ଟନାୟକ, ୟୁନିଅନ କ୍ଲବ୍ ସମ୍ପାଦକ ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । କଟକ ଅସିଚାଳନା ସଂଘ ସଭାପତି ରମେଶ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରତିଯୋଗିତାରେ ୨୨ ରାଜ୍ୟରୁ ପାଖାପାଖି ୪୫୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ପ୍ରଥମ ଦିନରେ ବାଳିକା ସବର ରାଉଣ୍ଡରେ ତେଲେଙ୍ଗାନାର ଜି. ଶ୍ରୀଜା ୧୫-୧୦ରେ ଦିଲ୍ଲୀର ପ୍ରକୃତି ଶର୍ମାଙ୍କୁ ହରାଇ ବିଜେତା ହୋଇଛନ୍ତି ।



ମୁକ୍ତିଲାଭ କରିବାକୁ ଥିବା ଏଫ ଥ୍ରୀ ଚଳଚ୍ଚିତ୍ରରେ ଦର୍ଶକଙ୍କ ମନ କିଣିବେ ମେହେର୍ଣ୍ଣେ କାଓର ପିର୍ଜାଦା

M.S. SCIENCE ACADEMY
WISHING CONGRATULATIONS TO
PRUTHIRAJ DASH ON HIS SUCCESS IN NEET-2020



NEET SCORE-604
CHSE EXAM.-2018
SCIENCE TOPPER, CHOUDWAR COLLEGE
Taught and Groomed By
M.S. SCIENCE ACADEMY
KALINGA CHHAK, CHOUDWAR
CELL : 9338499200

R.K. Das Tax Consultancy
Advocate- Ramakant Das
ADVOCATE
Contact for: G.S.T., Income Tax
Common Service Centre, Tender Dropping and all other internet works.
Santa Sahi, Kendrapara
Mob: 7008018805, 7855048602, 9178706447

ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ପର୍ବ ଅବସରରେ
କେନ୍ଦ୍ରାପଡ଼ା ଜିଲା ତଥା ଡେରାବିଶ ବ୍ଲକ୍‌ର ସମସ୍ତ
ଅଧିବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା
Indane
SAFE.RELIABLE.CONVENIENT
IndianOil
ମହାବୀର ଗ୍ୟାସ ଏଜେନ୍ସି
ଗୋଲରହାଟ, ଡେରାବିଶ, କେନ୍ଦ୍ରାପଡ଼ା
ପ୍ରୋପାଇଟର: ରବିନ୍ଦ୍ର କୁମାର ସେଠୀ
ମୋବାଇଲ: ୮୨୬୦୫୨୨୯୭୦

ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ
ହୋଲି ସମସ୍ତଙ୍କ ଜୀବନକୁ ରଙ୍ଗିନ କରିଦେଉ
ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା



ରଞ୍ଜନ କୁମାର ବିଶ୍ୱାଳ
କଟକ ସିଟି ସଂଯୋଜକ ଓଡ଼ିଶା ମୋ ପରିବାର, ଜୀବନବିନ୍ଦୁ

ପବିତ୍ର ଦୋଳପର୍ବ ଓ ହୋଲି ଉତ୍ସବ ଅବସରରେ
କେନ୍ଦ୍ରାପଡ଼ାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ



ASHUTOSH PATRA
(CIVIL CONTRACTOR)
KENDRAPARA
9437140475

ନିୟମିତ ନିଷ୍କର୍ଷ ମିଡିଆର ୟୁଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ




ଯଦି ସବସ୍କ୍ରାଇବ୍ କରିନାହାନ୍ତି ଆଜି ହିଁ ମୋବାଇଲରେ ସବସ୍କ୍ରାଇବ୍ କରନ୍ତୁ
Nishkarsha Media
ଲାଇକ୍, କମେଣ୍ଟ ଓ ସେୟାର କରନ୍ତୁ

ଶୁଭ ଅଭିନନ୍ଦନ
PRASANTA KUMAR PANDA (Muna Bhaina)
Mob: 9853666326 / 7008289035
GADIBRAHMA MEDICINE STORE
KHADAGPUR, TIRAN, JAGATSINGHPUR
ପ୍ରତ୍ୟେକ ଶନିବାରରେ : ମେଡିସିନ ସ୍ପେଶାଲିଷ୍ଟ ଡାକ୍ତର ଅଭୟ କୁମାର ପାତ୍ର (ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା)
ପ୍ରତ୍ୟେକ ରବିବାରରେ: ସ୍କିନ ସ୍ପେଶାଲିଷ୍ଟ ଡାକ୍ତର ଦିପକ କୁମାର ସାହୁ (ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା)

Suresh Ch. Prusty (Mantu)
Proprietor
Mob : 9238991187
SRI KRUSHNA
Jewellery
22 CT. GOLD & SILVER ORNAMENTS
Kalinga Bazar (In front of Choudwar Police Station)
Choudwar, Cuttack

Printed and Published by Tapan Kumar Sahoo. Owned by Tapan Kumar Sahoo. Printed at Sakuntala Printers, Bidanasi, Cuttack, Odisha.
Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025(ODISHA). Mob- 8895134289, 9938725879. Email : nishkarsha.media@gmail.com.
Editor : TAPAN KUMAR SAHOO
ସମ୍ପାଦକ: ତପନ କୁମାର ସାହୁ